## ସଂକ୍ଷେପରେ

### ଶିବଶଙ୍କରଙ୍କୁ ଖଲ୍ଲିକୋଟ କଲେଜ ଛାତ୍ରଙ୍କ ସହାୟତା

ବ୍ରହ୍ମପୁର ଅଫିସ,୧୯।୧୧: ତେଲ କଡେଇରେ ପଡ଼ି ପୋଡିହୋଇ ଯାଇଥିବା ଗଜପତି ଜିଲା କାଶୀନଗର ଅଞ୍ଚଳର ଶିବଶଙ୍କର ମିଶ୍ରଙ୍କୁ ସହାୟତା ବଢିବାରେ ଲାଗିଛି। ଉପଜିଲାପାଳ, ବିଧାୟକଙ୍କ ପରେ ଏବେ କଲେଜ ଛାତ୍ରୀଛାତ୍ରମାନେ ମଧ ଶିବଶଙ୍କରଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢାଇଛନ୍ତି। ମଙ୍ଗଳବାର ଖଲ୍ଲିକୋଟ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଲାସ ବୁଲି ଶିବଶଙ୍କର ପାଇଁ ଚିକିତ୍ସା ପାଇଁ ସହାୟତା ରାଶି ସଂଗ୍ରହ କରିଥିଲେ। ଛାତ୍ରୀଛାତ୍ରଙ୍କଠାରୁ ସଂଗୃହୀତ ୫୦୦୦ ହଜାର ଟଙ୍କାକୁ ସିଟି ହସ୍‌ପିଟାଲରେ ଶିବ ଶଙ୍କରଙ୍କୁ ପ୍ରଦାନ କରିଛନ୍ତି।

### ମଦ ଜବତ, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୧୯।୧୧(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ବନମାଳୀପୁର ଗାଁର ମଦ ବିକ୍ରେତା ଶଙ୍କର ସାହୁଙ୍କୁ ମଙ୍ଗଳବାର କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ମାମଲା ନଂ ୨୩୪/୧୯ ଅନୁଯାୟୀ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ସୋମବାର ଫାଣ୍ଡି ଏଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବେହେରା ସଦଳବଳେ ରାତ୍ରିକାଳୀନ ପାଟ୍ରୋଲିଂ କରି ଫେରୁଥିବା ବେଳେ ମଦ ବିକ୍ରେତା ପୋଲିସ ହାବୁଡ଼ରେ ପଡ଼ିଥିଲେ। ତାଙ୍କ ନିକଟରୁ ୭ ଲିଟର ହାତରନ୍ଧା ଦେଶୀମଦ ଜବତ କରାଯାଇଥିଲା।

### ଆନ୍ତଃମହାବିଦ୍ୟାଳୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଚିକିଟି,୧୯।୧୧(ଡି.ଏନ.ଏ.): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ଗଞ୍ଜାମ ଜିଲା ଚିକିଟିଗଡ ମହାବିଦ୍ୟାଳୟରେ ଅନ୍ତଃମହାବିଦ୍ୟାଳୟ ୪୯ତମ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରିଥିଲେ ମହାବିଦ୍ୟାଳୟ ଅଧକ୍ଷ ଡ.ବିଚିତ୍ର ପଟ୍ଟନାୟକ। ସମ୍ମାନିତ ଅତିଥି ଭାବେ ଚିକିଟି ନିର୍ବାଚନମଣ୍ଡଳୀର ବିଧାୟିକା ଉଷା ଦେବୀଙ୍କ ପୁତ୍ର ଚିନ୍ମୟ ସ୍ୱରୂପ ଦେଓ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କ୍ରୀଡା ଅଧିକାରୀ ରବି ନାରାୟଣ ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଟି.ଶିବାନନ୍ଦ ବର୍ମା ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ୨୨ ବିଶ୍ୱବିଦ୍ୟାଳୟର ୨୨ ଗ୍ରୁପ୍ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟ ୩ଦିନ ଧରି ଚାଲିବ ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ପ୍ରଥମ ଦିନରେ ଚିକିଟି ମହାବିଦ୍ୟାଳୟ ସହିତ ବ୍ରହ୍ମପୁର ଦିସା କଲେଜ, ସାମନ୍ତିଆପଲ୍ଲୀ ସହ ମୋହନା ହିଲ୍‌ଟପ୍ କଲେଜ, ଆଦିବାସୀ କଲେଜ ବାଲିଗୁଡା ସହ ଖେମୁଣ୍ଡି କଲେଜ, ପିଜି ଡିପାର୍ଟମେଣ୍ଟ ବ୍ରହ୍ମପୁର ସହ କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟ, ରୁଷିକୁଲ୍ୟା ମହାବିଦ୍ୟାଳୟ ସହ ରାମନାରାୟଣ କଲେଜ ତୁରା ମଧରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ କ୍ରୀଡା ସଂସଦ ଉପସଭାପତି ପ୍ରଦୀପ କୁମାର ପାଢ଼ୀ ଓ ସୁନୀଲ କୁମାର ପଣ୍ଡା ସମେତ ଆସିଥିବା ୨୨ ମହାବିଦ୍ୟାଳୟର ସମସ୍ତ କ୍ରୀଡା ଶିକ୍ଷକ ପରିଚାଳନା କରିଥିଲେ।

## ଉଚ୍ଚ ବିଦ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ

# ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଚିକିଟି,୧୯।୧୧(ଡି.ଏନ.ଏ.)


ଛାତ୍ରୀଛାତ୍ରଙ୍କ ଧାରଣା।

ଗଞ୍ଜାମ ଜିଲା ଚିକିଟି ବ୍ଲକ କୁଟିଲିଙ୍ଗ୍ ଗ୍ରାମ ରାଧାକାନ୍ତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ସମସ୍ୟାର ସମାଧାନ ନେଇ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବହୁ ଗ୍ରାମବାସୀ ଓ ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ପହଞ୍ଚି ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏଥିରେ ଛାତ୍ରୀଛାତ୍ର ମଧ ସାମିଲ ହୋଇଥିଲେ। ବହୁ ସମୟଧରି ବିଦ୍ୟାଳୟ ସମ୍ମୁଖରେ ବସିବା ସହ ବିଭିନ୍ନ ଦାବିପୂରଣ ପାଇଁ ସ୍ଲୋଗାନ ଦେଇଥିଲେ। ଖବରପାଇ ଡିଇଓ ସନାତନ ପଣ୍ଡା, ତହସିଲଦାର ହରପ୍ରସାଦ ଭୋଇ, ଅତିରିକ୍ତ ତହସିଲଦାର ଡ. ଶକ୍ତିପ୍ରସାଦ ଶ୍ରୀଚନ୍ଦନ, ପାତ୍ରପୁର ବିଇଓ କୁରେଶୁ ସେଠୀ, ଚିକିଟି ଏବିଇଓ ଆର୍ତ୍ତତ୍ରାଣ ବେହେରା, କେ.ନୂଆଗାଁ ଥାନା ଅଧିକାରୀ ମାଧବ ନନ୍ଦ ନାୟକ, ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ଓ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଅଭିଯୋଗ ଥିଲା, ଦୀର୍ଘଦିନ ଧରି ଶିକ୍ଷକମାନେ ନିୟମିତ ଭାବେ ବିଦ୍ୟାଳୟକୁ ଆସୁନାହାନ୍ତି, ପାଠପଢା ସମୟରେ ପିଅନ ଥାଇ ମଧ ଛାତ୍ରୀଛାତ୍ରମାନଙ୍କୁ ଅନ୍ୟ କାମରେ ନିୟୋଜିତ କରାଯାଉଛି, ଶିକ୍ଷକମାନେ ପାଠ ନ ପଢାଇ ମୋବାଇଲ ଫୋନରେ ବ୍ୟସ୍ତ ରହୁଛନ୍ତି, ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ପଦବୀ ଖାଲିପଡିଛି। ସେହିପରି ଦୀର୍ଘଦିନ ଧରି ପ୍ରଧାନଶିକ୍ଷକ ନାହାନ୍ତି, ବିଜ୍ଞାନ ସମ୍ପର୍କିତ ଉପକରଣ ଥାଇ ମଧ ଛାତ୍ରୀଛାତ୍ରମାନଙ୍କୁ ଏ ବିଷୟରେ ଧାରଣା ଦିଆଯାଉନାହିଁ, ଆଇସିଟି ଲ୍ୟାବ୍, ତେଲଗୁ ଭାଷା ଓ ଓଡିଆ ଭାଷାରେ ଶିକ୍ଷକ ଅଭାବ ପରିଲକ୍ଷିତ ହେଉଛି, ଛାତ୍ରୀଛାତ୍ରମାନଙ୍କ ପାଇଁ ଶୌଚାଳୟ ଓ ପାନୀୟ ଜଳାଭାବ ପରିଲକ୍ଷିତ ହେଉଛି। ଏହିଭଳି ବିଭିନ୍ନ ସମସ୍ୟା ନେଇ ଗତ ୮ ତାରିଖରେ ଅଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳ, ବିଇଓ, ଡିଇଓଙ୍କୁ ଲିଖିତ ଅଭିଯୋଗ ଦିଆଯାଇଥିଲେ ସୁଦ୍ଧା ଏହା କୌଣସି ସମସ୍ୟାର ସମାଧାନ ନ ହେବାରୁ ଏହିଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ୫ ଘଣ୍ଟା ଆନ୍ଦୋଳନ ପରେ ପ୍ରଶାସନିକ ଅଧିକାରୀ ପହଞ୍ଚି ଏକ ସପ୍ତାହ ମଧ୍ୟରେ ସମସ୍ତ ଶିକ୍ଷକଙ୍କୁ ବଦଳି କରାଯାଇ ନୂତନ ଶିକ୍ଷକ ନିଯୁକ୍ତି ସହିତ ଦୀର୍ଘଦିନଧରି ଥିବା ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ବିଦ୍ୟାଳୟରୁ ତାଲା ଖୋଲିବା ସହ ଆନ୍ଦୋଳନରୁ ଓହରିଥିଲେ।

## ଝିଅଙ୍କୁ ଧମକ ଓ ଆକ୍ରମଣ, ମା' ଗଲେ ଜେଲ

ଦିଗପହଣ୍ଡି,୧୯।୧୧(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ମଙ୍ଗଳବାର କଲ୍ୟାଣପୁର ଗାଁର ମଞ୍ଜୁଳା ଗୌଡଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ମାମଲା ନଂ. ୨୩୬/୧୯ ଦଫା ୩୪୧/୩୨୩/୨୯୪/୫୦୬ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ସକାଳ ପ୍ରାୟ ୮ ଟାରେ ମଞ୍ଜୁଳା ଏକ ଦା' ଧରି ଗାଁରେ ରହୁଥିବା ତାଙ୍କ ଝିଅ ଜୟନ୍ତୀଙ୍କ ଘର ପାଖକୁ ଯାଇ ଗାଳି ଗୁଲଜ କରିବା ସହ ଦା'ରେ ଆକ୍ରମଣ ଉଦ୍ୟମ କରିଥିଲେ। ପଡୋଶୀ ପହଞ୍ଚି ଛଡାଛଡି କରିଥିଲେ। ଜୟନ୍ତୀ ଏନେଇ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତାଙ୍କୁ ଗିରଫ କରିଥିଲା। ଏସ୍‌ଆଇ ମାଧବ ଚନ୍ଦ୍ର ଟାକରୀଙ୍କ ସୂଚନାନୁସାରେ, ମଞ୍ଜୁଳାଙ୍କ ଝିଅ ଜୟନ୍ତୀ ପରିବାର ଲୋକଙ୍କ ବିନା ସହମତିରେ ଗ୍ରାମର ସଞ୍ଜୟ କୁମାର ଗୌଡଙ୍କୁ ଇଚ୍ଛାରେ ବିବାହ କରି ଦିଗପହଣ୍ଡିରେ ଏକ ଭଡ଼ାଘରେ ରହୁଥିଲେ। ଜୁଲାଇ ୧୮ ତାରିଖ ରାତି ପ୍ରାୟ ୯ ଟାରେ ସ୍ୱାଇଁ ସଞ୍ଜୟ ଦିଗପହଣ୍ଡି ପୁଞ୍ଜିକୟାଁ ଛକ ନିକଟ ଏକ ଡ୍ରେସ ଦୋକାନ ପାଖରେ ଠିଆ ହୋଇଥିବା ବେଳେ ଶ୍ୱଶୁର ତଥା ମଞ୍ଜୁଳାଙ୍କ ସ୍ୱାମୀ ଉମାକାନ୍ତ ଗୌଡ ତାଙ୍କୁ ଛୁରିରେ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଛୁରା ମାଡ଼ରେ ସଞ୍ଜୟଙ୍କ ଅନ୍ତବୁଜୁଳା ବାହାରି ପଡ଼ିଥିଲା। ତାଙ୍କ ମୁଣ୍ଡ ଓ କାନ୍ଧରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଘଟଣାର ପରଦିନ ସଞ୍ଜୟଙ୍କ ସ୍ତ୍ରୀ ଜୟନ୍ତୀ ଥାନାରେ ବାପା ଉମାକାନ୍ତଙ୍କ ନାଁରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ମାମଲା ନଂ. ୧୭୯/୧୯ରେ ପୋଲିସ ଅଭିଯୁକ୍ତ ଉମାକାନ୍ତଙ୍କ ନାଁରେ ହତ୍ୟା ଉଦ୍ୟମ ମକଦ୍ଦମା ରୁଜୁ କରିଥିଲା। ଘଟଣା ପରଠାରୁ ଦୁଇ ପରିବାର ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ସେ କହିଛନ୍ତି।

## ଜିଲାପାଳଙ୍କ ସମୀକ୍ଷା ବୈଠକ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଖଲ୍ଲିକୋଟ,୧୯।୧୧(ଡି.ଏନ୍.ଏ.)

ଖଲ୍ଲିକୋଟ ବ୍ଲକ ପରିସରରେ ମଙ୍ଗଳବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ଖଲ୍ଲିକୋଟ ବିଡିଓ ନବକୃଷ୍ଣ ଜେନା, ଜିଲା ପଞ୍ଚାୟତ ଅଧିକାରୀ ଧର୍ମାନନ୍ଦ ସେଠିୟା, ବ୍ଲକ ଅଧକ୍ଷା ମୀନାକ୍ଷୀ ସାହୁ, ଉପାଧକ୍ଷା ଏ. ପ୍ରକାଶ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମୀକ୍ଷା ବୈଠକରେ ମହାତ୍ମା ଗାନ୍ଧୀ ନିଶ୍ଚିତ ରୋଜଗାର ଯୋଜନା, ଇନ୍ଦିରାବାସ ଯୋଜନା ଆଦି ବିଷୟରେ ସମୀକ୍ଷା କରିଥିଲେ। ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଗ୍ରାମ ରୋଜଗାର ସେବକଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କାୟାକଳ୍ପ ପୁରସ୍କାର ଦୌଡ଼ରେ ଗଞ୍ଜାମର ୨୪ ସ୍ୱାସ୍ଥ୍ୟକେନ୍ଦ୍ର

ଛତ୍ରପୁର,୧୯।୧୧(ଡି.ଏନ.ଏ)

### ରାଜ୍ୟ ଟିମ୍ ଆସି ଦେବେ ମାର୍କ

ଉପଖଣ୍ଡ ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇଠାରୁ ଆରମ୍ଭକରି ବିଭିନ୍ନ ସେବା ଯୋଗାଇ ଦେବାକୁ ଆଧାର କରି ମାର୍କ ମଳିଥାଏ। ମାର୍କ ଅନୁସାରେ କାୟାକଳ୍ପ ପୁରସ୍କାର ହସ୍ପିଟାଲ, ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ଦିଆଯାଇ ଆସୁଛି। ୨୦୧୯-୨୦- ରେ ଜିଲାର ୨୪ ସ୍ୱାସ୍ଥ୍ୟକେନ୍ଦ୍ର ଏହି କାୟାକଳ୍ପ ପୁରସ୍କାର ପାଇବା ପାଇଁ ଦୌଡରେ ଅଛନ୍ତି। ଏମାନେ ଇଣ୍ଟରନାଲ ଆସେସମେଣ୍ଟରେ ପାଶ୍ କରି ଏକ୍ସଟରନାଲ ଆସେସମେଣ୍ଟ ପାଇଁ କ୍ୱାଲିଫାଏ କରିଛନ୍ତି। ରାଜ୍ୟସ୍ତରରୁ ଟିମ୍ ଆସି ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ବିଭିନ୍ନ ପ୍ରସଙ୍ଗ ଉପରେ ମାର୍କ ଦେବେ। ଏହାକୁ ଆଧାର କରି କାୟାକଳ୍ପ ପୁରସ୍କାର ମିଳିବ। ଇଣ୍ଟରନାଲ ଆସେସମେଣ୍ଟରେ ୭୦ ପ୍ରତିଶତ ଓ ତା'ଠାରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ହିଁ ଏକ୍ସଟରନାଲ ଆସେସ୍‌ମେଣ୍ଟ ପାଇଁ ମନୋନୀତ କରାଯାଇଥାଏ। କାୟାକଳ୍ପ ପୁରସ୍କାର ପାଇଲେ ହସ୍ପିଟାଲଗୁଡିକୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଅନୁଦାନ ମିଳିଥାଏ। କ୍ୱାଲିଫାଏ ମଧରେ ଛତ୍ରପୁର ଓ ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲ, ଭାଟକୁମରଡା, କୋଦଳା, ବେଲଗାଁ, ଶେରଗଡ, ଧରାକୋଟ, ସୋରଡା, ପୋଲସରା, ଚିକିଟି, ବୁଗୁଡା, ଆସିକା, ବଡଗଡ ଓ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେହିପରି ପୋଲସରା ବ୍ଲକ ପାଣ୍ଡିରିପଡା, ସୋରଡା ବ୍ଲକ ଗଉଡଗୋଠ, ଧରାକୋଟ ବ୍ଲକ ସୁମା ଓ ମାଣିକପୁର, ଆସିକା ବ୍ଲକ ଭେଟନଇ, ରଙ୍ଗେଇଲୁଣ୍ଡା ବ୍ଲକ ଭଞ୍ଜବିହାର, ବଗୁଡା ବ୍ଲକ ମଣିତାରା, ବେଗୁନିଆପଡା ବ୍ଲକ ରାହାଡା, ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଓ ଗଞ୍ଜାମ ଏନ୍‌ଏସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ ଏହି ପୁରସ୍କାର ପାଇବା ପ୍ରତିଯୋଗିତା ଦୌଡରେ ଅଛନ୍ତି। ପ୍ରକାଶଯେ, ୨୦୧୮-୧୯ ରେ ରାଜ୍ୟସ୍ତରରେ ବ୍ରହ୍ମପୁର ସହରରେ ଥିବା ଆସିକା ରୋଡ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ ଓ ବ୍ରହ୍ମପୁର ଆଗାସାହି ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱିତୀୟ ହୋଇ କାୟାକଳ୍ପ ପୁରସ୍କାର ପାଇଥିଲା। ଏଥିସହ ଛତ୍ରପୁର ଉପଖଣ୍ଡ ହସ୍ପିଟାଲ, କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବ୍ରହ୍ମପୁର ସହରରେ ଥିବା ୫ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ସାନ୍ତ୍ୱନାମୂଳକ ପୁରସ୍କାର ମିଳିଥିଲା।

## ଝାନ୍ସୀରାଣୀ ଲକ୍ଷ୍ମୀବାଈ ଜୟନ୍ତୀ


ଛାତ୍ରୀମାନେ ଲକ୍ଷ୍ମୀ ବାଈ ଜୟନ୍ତୀ ପାଳନ କରୁଛନ୍ତି ।

ବ୍ରହ୍ମପୁର ଅଫିସ୍,୧୯।୧୧

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଝାନ୍ସୀ ରାଣୀ ଲକ୍ଷ୍ମୀ ବାଈଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଏବିଭିପି ସଂଯୋଜକ ତୁତୁନ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ରାଣୀ ଲକ୍ଷ୍ମୀ ବାଈ କିପରି ଅଦମ୍ୟ ସାହସିକତା ଓ ବୀରତ୍ୱର ଉଦାହରଣ ସୃଷ୍ଟି କରିଥିଲେ, ଯାହା କି ବ୍ରିଟିଶ ସରକାରକୁ ମୁଣ୍ଡ ନୁଆଁଇବାକୁ ବାଧ କରିଥିଲା। ସମ୍ପ୍ରତି ନାରୀମାନେ ସାମାଜରେ ଅତ୍ୟାଚାର ସହୁଛନ୍ତି, କେତେବେଳେ ନିର୍ଯାତନାର ଶିକାର ହେଉଛନ୍ତି। ଏଣୁ ଆଜି ପ୍ରତ୍ୟେକ ଛାତ୍ରୀ ଲକ୍ଷ୍ମୀ ବାଈଙ୍କ ପଥକୁ ଧ୍ୟେୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଶାଖା ସଭାପତି ହର୍ଷିତା ରାଉଳ ଏହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଏଥିରେ ପ୍ରିୟଦର୍ଶିନୀ ଦାସ, ସ୍ମୃତିସୁଧା ସାହୁ, ଜ୍ୟୋତିର୍ମୟୀ ଦୀକ୍ଷିତ, ଆର୍. ସନ୍ଧ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ, ମହାମାୟୀ ମହାବିଦ୍ୟାଳୟ, ଇଞ୍ଜିନିୟରିଂ ମହାବିଦ୍ୟାଳୟରେ ପାଳନ ହୋଇଯାଇଛି ।

### ପ୍ରଧାନ ଶିକ୍ଷକଙ୍କୁ ଗାରିମା ସମ୍ମାନ

ହାତୀଓଟ,୧୯।୧୧

ପୋଲସରା ଏନ୍‌ଏସିସ୍ଥିତ ଶିକ୍ଷକ ଭବନଠାରେ ଗୋଷ୍ଠୀ ଶିକ୍ଷାଧିକାରି ତ୍ରିଲୋଚନ ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି ବ୍ଲକର ୧୫ଟି ସ୍କୁଲ୍ ତଥା ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଚଳିତବର୍ଷର ଗାରିମା ସମ୍ମାନରେ ସମ୍ମାନିତ କରାଯାଇଛି। ବିଇଓ ସେମାନଙ୍କୁ ସମ୍ମାନିତ କରିଛନ୍ତି। ମନ୍ଦାର ମା' ଭରାଣ୍ଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ପି. କ୍ରିଷ୍ଣାରାଓ ଦୋରାଙ୍କୁ ମଧ ଏହି ସମ୍ମାନ ମିଳିଛି। ଏବିଇଓଙ୍କ ସହ ୧୫ ସ୍କୁଲ୍‌ର ଶିକ୍ଷକ ଓ ବ୍ଲକର ୧୧ ସିଆର୍‌ସିସି ଉପସ୍ଥିତ ଥିଲେ।

### ରନ୍ଧାମଦ ଜବତ, ଅଭିଯୁକ୍ତ ଗିରଫ

ଆସିକା,୧୯।୧୧(ଡି.ଏନ୍.ଏ.)

ଆସିକା ଥାନା ସୁମନ୍ତପଲ୍ଲୀ ଗ୍ରାମରେ ଚାଲିଥିବା ଚୋରାମଦ କାରବାର ଉପରେ ମଙ୍ଗଳବାର ସକାଳେ ପୋଲିସ ଚଢାଉ କରି ୫୦ ଲିଟର ରନ୍ଧାମଦ ଜବତ କରିଛି। ଏହି ଘଟଣାରେ ଗ୍ରାମର ସୁମନ ଶେଖର ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ନଂ.୪୩୯/୧୯ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

**GANGADHAR MEHER UNIVERSITY, SAMBALPUR**

**NOTICE**

**No. 6213 / GMU** **IA-06/2020** **Date: 19.11.19**

The G.M. University, Sambalpur is going to conduct Gangadhar Meher University Eligibility Test (GET) for admission to the M. Phil & Ph. D. Programme in the subject mentioned below. These programs will commence from January 2020.

**M. Phil Programs-** Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Statistics, Zoology and Management Studies (Self-Financing)

**Ph. D. Programs-** Commerce, Economics, Education, Geograpy, Hindi, Philosophy, Political Science, Psychology and Statistics.

For application form and other details, kindly visit the University website- **www.gmuniversity.ac.in**.

**TIME LINE**

1. The last date for Submission of Application Form- 06.12.2019 upto 4.00 PM.
2. The date of Entrance Test Ph.D.- 14.12.2019 (10.00 to 11.00 AM followed by Viva-Voce from 11.30 AM onwards).
3. The date of Entrance Test of M. Phil- 13.12.2019 (10.00 to 11.00 AM followed by Viva-Voce from 11.30 AM onwards).

**Sd./- REGISTRAR,**
**G.M. University, Sambalpur**

**ଆର୍ମି ଏ.ଡ଼ି. କଲେଜ୍‌ରେ ଦୋକାନ ଘର ଠିକା ସୂତ୍ରରେ ଦିଆଯିବ**

୧. ଗୋପାଳପୁର ମିଲିଟାରୀ ଷ୍ଟେସନ୍ (ଓଡ଼ିଶା) ସ୍ଥିତ ସାଗରିକା ସୁବିଧା ପରିସରରେ ନିମ୍ନଲିଖିତ ଦୋକାନ ଘରକୁ ଠିକା ସୂତ୍ରରେ ଏକବର୍ଷ (ପୁନଃ ନବୀକରଣ) : ୧ ଜାନୁୟାରୀ ୨୦୨୦ ଠାରୁ ୩୧ ଡିସେମ୍ବର ୨୦୨୦ ପର୍ଯ୍ୟନ୍ତ ଦିଆଯିବ ।

| କ୍ର. ନଂ. | ଦୋକାନର ନାମ | ବିକ୍ରି ପାଇଁ ଥିବା ସାମଗ୍ରୀ |
|---|---|---|
| କ) | ୱାନ୍ ଷ୍ଟପ୍ ସପ୍ | ଗ୍ରୋସେରି ଆଇଟମ୍, ମିଲିଟାରୀ ଷ୍ଟୋର୍, କମ୍ପ୍ୟୁଟର୍ ଆସେସରି, ହାର୍ଡ଼ୱେର୍ ସାମଗ୍ରୀ, କ୍ଲଥ୍ ଏବଂ ଉପହାର ସାମଗ୍ରୀ । |
| ଖ) | ମିଠା ଦୋକାନ | ସ୍ନାକ୍ସ, ସୁଇଟ୍, ବେକରି ପ୍ରଡକ୍ଟ, ହଟ୍ ଆଣ୍ଡ କୋଲ୍ଡ ବେଭେରେଜ୍ ଏବଂ ଆଇସକ୍ରିମ୍ । |
| ଗ) | ଜୋତା ଦୋକାନ | ସମସ୍ତ ପ୍ରକାର ଲେଦର୍ ଆଇଟମ୍, ସୁ / ସ୍ଲିପର୍ / ସେଣ୍ଡଲ, ସ୍ପୋର୍ଟସ୍ ଆସେସରି । |
| ଘ) | ଫାଷ୍ଟ ଫୁଡ୍ ଦୋକାନ | ସ୍ନାକ୍ସ, ସୁଇଟ୍ ଏଣ୍ଡ ବେକରି ପ୍ରଡକ୍ଟ, ଡ୍ରିଙ୍କ୍, ହଟ୍ ଏଣ୍ଡ ବେଭେରେଜ, ଆଇସକ୍ରିମ୍ (ମଦ ବ୍ୟତୀତ) ଉପଲବ୍ଧ । |
| ଙ) | ଭଣ୍ଡାରି ଦୋକାନ | ହେୟାର୍ କଟିଙ୍ଗ୍, ସେଭିଙ୍ଗ୍, ହେୟାର ଡାଇଙ୍ଗ୍, ହେଡ ମେସେଜ୍, ଫେସିଏଲ୍ । |
| ଚ) | ଲୁଗା ସହ ଟେଲର୍ ଦୋକାନ | ସମସ୍ତ ପ୍ରକାର ରେଡ଼ିମେଡ୍ ଡ୍ରେସ୍ ମିଳେ ଏବଂ ସିଲାଇ ଉପଲବ୍ଧ । |
| ଛ) | ଜେରକ୍ସ ସହ ଜବ୍ ଟାଇପିଙ୍ଗ୍-୧ | ଜେରକ୍ସ, ଲେମିନେସନ୍, ବହି, ଷ୍ଟେସନାରୀ ଏବଂ ପିରିୟଡିକାଲ୍ ଉପଲବ୍ଧ |
| ଜ) | ଭିଡ଼ିଓ କର୍ଣ୍ଣର / ପାନ ଦୋକାନ | ପାନ୍, ସିଡ଼ି, ଫଳ ରସ, ପ୍ରି-ପେଡ୍ ମୋବାଇଲ୍ ରିଚାର୍ଜ, ମୋବାଇଲ୍ ଆସେସରି, ଡ୍ରାଇ ଫୁଡ୍, ସ୍ନାକ୍ସ ଏବଂ ଚକ୍‌ଲେଟ୍ ଆଇଟମ୍ ଉପଲବ୍ଧ । |
| ଝ) | ଚିଲ୍ ଏଣ୍ଡ ଗ୍ରିଲ୍ସ ରେଷ୍ଟୁରାଂଟ ସହ ଦୁଗ୍ଧ ଦ୍ରବ୍ୟ ଏବଂ ଆଇସ୍କ୍ରିମ୍ ଦୋକାନ | ଜଳଖିଆ, ଆମିଷ ଓ ନିରାମିଷ ଫାଷ୍ଟ ଫୁଡ୍ ଏବଂ ଦୁଗ୍ଧଜାତ ଦ୍ରବ୍ୟ, କୃଷିଜାତ ଦ୍ରବ୍ୟ ଏବଂ ଉଦ୍ୟାନଜାତ ଦ୍ରବ୍ୟ |
| ଞ) | ମୋବାଇଲ୍ ଏବଂ ଇଲେକ୍ଟ୍ରି ମରାମତି ଦୋକାନ | ଜେରକ୍ସ, ହିନ୍ଦି ଟାଇପିଙ୍ଗ୍, କମ୍ପ୍ୟୁଟର୍ ପେରିଫେରାଲ୍ ଏବଂ ବିଦ୍ୟୁତ୍ ସାମଗ୍ରୀ ମରାମତି । |
| ଟ) | ସାଇକେଲ୍ ମରାମତି ଦୋକାନ | ସାଇକେଲ୍ ମରାମତି, ଏଡ଼ି କଲେଜ୍ ପାଇଁ ସାଇକେଲ୍ ଭଡ଼ାର ସୁବିଧା । |
| ଠ) | ମୋଟର ସାଇକେଲ୍ ମରାମତି ଦୋକାନ | ଦୁଇ ଚକିଆ / ମୋଟର ସାଇକେଲ୍‌ର ସମସ୍ତ ସର୍ଭିସିଂ ଏବଂ ରିପେର, ଗ୍ୟାସ୍ ଷ୍ଟୋଭ୍ ବର୍ଣ୍ଣରର ସମସ୍ତ ସର୍ଭିସ୍ ଏବଂ ରିପେର, ଦୁଇ ଚକିଆ ଗାଡ଼ିର ସ୍ପେର୍ ପାର୍ଟସ୍ ଏବଂ ଆସେସରି ବିକ୍ରୟ । |
| ଡ଼) | ଉପହାର ଦୋକାନ, ଗିଫ୍ଟ ସପ୍ | କ୍ରାଫ୍ଟିଂ/ଡିଜାଇନିଙ୍ଗ୍ ମେଟେରିଆଲ୍ ଓ ଉପହାର ଏବଂ ଖେଳନା ସାମଗ୍ରୀ ବିକ୍ରୟ । |
| ଢ଼) | ସନ୍ତୁଷ୍ଟି ରେଷ୍ଟୁରାଂଟ | ସମସ୍ତ ରେଙ୍କ୍ ପାଇଁ କେଟେରିଙ୍ଗ୍ ଏବଂ ଅନ୍ୟାନ୍ୟ ସୁବିଧା (ଆମିଷ / ନିରାମିଷ ଖାଦ୍ୟ) । |
| ଣ) | ଜୋତା ମରାମତି ଦୋକାନ | ସମସ୍ତ ରେଙ୍କ୍‌ର ପରିବାରଙ୍କ ପାଇଁ ସୁ, ବେଗ୍, ସ୍ଲିପର୍ ରିପେର୍ । |
| ତ) | ଆର୍ମି ଷ୍ଟୋର୍ ଦୋକାନ | ସମସ୍ତ ପ୍ରକାର ଲୁଗା, ରେଡ଼ିମେଡ୍ ଗାର୍ମେଂଟସ୍, ଆର୍ମି ୟୁନିଫର୍ମ ଏବଂ ଦର୍ଜି ସିଲେଇ |
| ଥ) | ଫୋଟ ଷ୍ଟୁଡିଓ ଦୋକାନ | ସମସ୍ତ ପ୍ରକାର ଫୋଟ କପି, କଲର୍ ଏବଂ କଳାଧଳା, ଜେରେକ୍ସ, କଲର୍ ପ୍ରିଂଟ୍ ଆଉଟ୍, ଫୋଟଗ୍ରାଫିକ୍, ଷ୍ଟିକରିଙ୍ଗ୍ ଏବଂ ନମ୍ବର ପ୍ଲେଟ୍ ଓ ରବର୍ ଷ୍ଟାମ୍ପ । |
| ଦ) | ମାଂସ ଦୋକାନ | ସମସ୍ତ ରେଙ୍କ୍‌ର ପରିବାରଙ୍କ ପାଇଁ ଚିକେନ୍, ମଟନ୍, ମାଛ, ଅଣ୍ଡା ଉପଲବ୍ଧ । |
| ଧ) | ଅମୂଲ୍ ଆଇସ୍କ୍ରିମ୍ ଦୋକାନ | ସମସ୍ତ ପ୍ରକାର ଅମୂଲ୍ ସାମଗ୍ରୀ ଉପଲବ୍ଧ । |
| ନ) | ପରିବା ଦୋକାନ | ସମସ୍ତ ପ୍ରକାର ପନିପରିବା ଏବଂ ଫଳ ଉପଲବ୍ଧ । |
| ପ) | ଫୁଡ୍ କୋର୍ଟ | ସମସ୍ତ ରେଙ୍କ୍‌ର ପରିବାରଙ୍କ ପାଇଁ ଜଳଖିଆ, ଦିବା ଭୋଜନ, ରାତ୍ର ଭୋଜନ ଓ ସ୍ନାକ୍ସ (ଆମିଷ ଓ ନିରାମିଷ) ସାମଗ୍ରୀ ଉପଲବ୍ଧ । |
| ଫ) | ଆର୍ ଓ ପ୍ଲାଂଟ | ସମସ୍ତ ପଦାଧିକାରୀ ଓ ସେମାନଙ୍କ ପରିବାର ନିମନ୍ତେ ଘରକୁ ଆର୍.ଓ. ପାଣିର ସୁବିଧା । |
| ବ) | ସାମସଙ୍ଗ ଏଣ୍ଡ ଏଚ୍‌ପି ଷ୍ଟୋର୍ | ସମସ୍ତ ପ୍ରକାର ସାମସଙ୍ଗ୍ ଏବଂ ଏଚ୍‌ପି ଇଲେକ୍ଟ୍ରନିକ୍ସ ସାମଗ୍ରୀ ସିଏସଡି ମୂଲ୍ୟରେ ବିକ୍ରି |

୨. ଉପରୋକ୍ତ ଦୋକାନ ପାଇଁ ଆଗ୍ରହୀ ବ୍ୟକ୍ତି ଏକ ଦରଖାସ୍ତ *Colonel A, Army Air Defence College, Pin 928992, C/o 99 APO* କୁ ୩୦ ନଭେମ୍ବର ୨୦୧୯ ସୁଦ୍ଧା ପଠାଇବେ ।

କୋଲନେଲ୍ ଏ, ହେଡ୍‌କ୍ୱାର୍ଟର୍ସ ଆର୍ମି ଏୟାର୍ ଡିଫେନ୍ସ କଲେଜ୍, ପିନ- ୯୨୮୯୯୨, ମାର୍ଫତ - ୯୯ଏପିଓ

## ସିଆଇଟିୟୁ ଦ୍ୱିତୀୟ ଗଞ୍ଜାମ ଜିଲା ସମ୍ମିଳନୀ

# କେନ୍ଦ୍ରର ଶ୍ରମିକ ବିରୋଧୀ ନୀତିକୁ ତୀବ୍ର ବିରୋଧ

ବ୍ରହ୍ମପୁର ଅଫିସ,୧୯।୧୧



ସିଆଇଟିୟୁ ସମ୍ମିଳନୀରେ ବାମପନ୍ଥୀ ନେତାମାନେ।

ବାମପନ୍ଥୀ ଶ୍ରମିକ ସଂଗଠନ ସିଆଇଟିୟୁର ଦ୍ୱିତୀୟ ଗଞ୍ଜାମ ଜିଲା ସମ୍ମିଳନୀ ମଙ୍ଗଳବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଆୟୋଜିତ ସମ୍ମିଳନୀକୁ ବରିଷ୍ଠ ବାମପନ୍ଥୀ ନେତା ଜନାର୍ଦ୍ଦନ ପତି ଉଦ୍‌ଘାଟନ କରିଥିବା ବେଳେ ସିପିଏମ୍ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏଥିରେ ଯୋଗ ଦେଇଥିଲେ। ଦୁଇ ନେତା ଭାଷଣ ପ୍ରସଙ୍ଗରେ କେନ୍ଦ୍ର ମୋଦି ସରକାରଙ୍କ ଶ୍ରମିକ ଶୋଷଣ ଓ ଆର୍ଥିକ ନୀତିର କଡ଼ା ସମାଲୋଚନା କରିଥିଲେ। ଏହା ବିରୋଧରେ ଶ୍ରମିକମାନେ ଲଗାତର ଲଢ଼େଇ କରିବାକୁ ଆହ୍ୱାନ ଦିଆଯାଇଥିଲା। ଶ୍ରମଜୀବୀଙ୍କ ସମସ୍ତ ମୌଳିକ ଅଧିକାର ଛଡ଼ାଇ ନେବା ପାଇଁ ମୋଦି ସରକାର ଚଳାଇଥିବା ହୀନଚକ୍ରାନ୍ତର ଦୃଢ଼ ଜବାବ ଦେବା ଉପରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ଜାନୁୟାରୀ ୮ରେ ଦେଶ ବ୍ୟାପୀ ହେବାକୁ ଥିବା ଧର୍ମଘଟରେ ଶ୍ରମିକ ଓ ସଂଗଠନଗୁଡ଼ିକ ସାମିଲ ହେବା ପାଇଁ ପରାମର୍ଶ ଦିଆଯାଇଥିଲା।

ଜିଲା ସଂଗଠନ ସମ୍ପାଦକ ଯୁଧିଷ୍ଠିର ବେହେରା ପ୍ରାରମ୍ଭିକ ସୂଚନା ଦେବା ସହ ଚିଠା ପ୍ରସ୍ତାବ ଉପସ୍ଥାପନ କରିଥିଲେ। କେନ୍ଦ୍ର ସରକାରଙ୍କ ରାଜନୈତିକ କାର୍ଯ୍ୟକଳାପ ଏବଂ ଶ୍ରମିକ ବିରୋଧୀ ନୀତିର ସେ ନିନ୍ଦା କରିଥିଲେ। ଚିଠା ପ୍ରସ୍ତାବ ଉପରେ ସିଟୁ ନେତାମାନେ ଆଲୋଚନା କରିବା ପରେ ତାହା ଆନୁଷ୍ଠାନିକ ଭାବେ ଗୃହୀତ ହୋଇଥିଲା। ଏହି ଅବସରରେ ୨୨ ଜଣିଆ ଜିଲା କମିଟି ପାଇଁ ନିର୍ବାଚନ କରାଯାଇଥିଲା। ଶ୍ରମିକ ନେତା ପ୍ରତାପ ଚୌଧୁରୀ ସଭାପତି ହୋଇଥିବା ବେଳେ ଯୁଧିଷ୍ଠିର ବେହେରା ସମ୍ପାଦକ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଶିବ ପ୍ରସାଦ ମହାପାତ୍ର କୋଷାଧ୍ୟକ୍ଷ ହୋଇଥିବା ବେଳେ ଉପସଭାପତି ଭାବେ ପଞ୍ଚାନନ ଜେନା, ଲକ୍ଷ୍ମଣ ପାଢ଼ୀ ଓ ମୋହନ ସ୍ୱାମୀ ନିର୍ବାଚିତ ହୋଇଛନ୍ତି। ସେହିପରି ବି.ଏନ. ସାହୁ, କୁରେଶୁ ପଣ୍ଡା ଓ ଆଦିକାନ୍ତ ନାୟକ ଯୁଗ୍ମ ସମ୍ପାଦକ ହୋଇଥିବା ଘୋଷଣା କରାଯାଇଛି।

ଶ୍ରମିକ ବିରୋଧୀ ଶ୍ରମ ଆଇନ ସଂଶୋଧନ ବାତିଲ, ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ୨୦ ହଜାର ଟଙ୍କା ଦରମା, ଅସ୍ଥାୟୀ ଓ ଆଉଟସୋର୍ସିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ବାତିଲ, ନିର୍ମାଣ ଶ୍ରମିକଙ୍କୁ ଠିକଣା ଭାବେ ପଞ୍ଜୀକରଣ କରାଯିବ ଓ ସମସ୍ତ ସୁବିଧା ଉପଲବ୍ଧ ପାଇଁ ଦାବି ପ୍ରସ୍ତାବରେ ଦର୍ଶାଯାଇଛି। ସମ୍ମିଳନୀରେ ପ୍ରତାପ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ ଏବଂ ଅଶ୍ୱିନୀ ଦାସ ଓ ବସନ୍ତ ନନ୍ଦ ଦାବିକୁ ସମର୍ଥନ କରି ଭାଷଣ ଦେଇଥିଲେ।

## ସଂକ୍ଷେପରେ

### ଗ୍ୟାସ୍ ପାଇପରେ ନିଆଁ

**ଭଞ୍ଜନଗର,୧୯।୧୧(ଡି.ଏନ.ଏ):** ଭଞ୍ଜନଗର ନିକଟସ୍ଥ ଛେଦାଭୂମିରେ ଏକ ଭୋଜି ପାଇଁ ମଙ୍ଗଳବାର ରୋଷେଇ ଚାଲିଥିବାବେଳେ ଗ୍ୟାସ୍ ପାଇପ୍ ଲିକ୍ ଥିବା ଯୋଗୁ ନିଆଁ ଲାଗିଯାଇଥିଲା। ରୋଷେଇରେ ବ୍ୟସ୍ତଥିବା ଲୋକେ ପ୍ରାଣ ବିକଳରେ ଦୌଡ଼ିଥିଲେ। ରାସ୍ତା କଡ଼ରେ ଭୋଜି ହେଉଥିବା ଯୋଗୁ ଯାତାୟାତ ମଧ ବନ୍ଦ ହୋଇଯାଇଥିଲା। ୧୫ ମିନିଟ୍ ଏହିଭଳି ଜଳିବା ପରେ ଭୋଜି ରୋଷେଇରେ ଥିବା ଜଣେ ବ୍ୟକ୍ତି ରେଗୁଲେଟରଟିକୁ ବାହାର କରିବାରେ ସକ୍ଷମ ହୋଇଥିଲେ। ଏହାପରେ ନିଆଁକୁ କାବୁ କରାଯାଇଥିଲା।

### ଯୁବକଙ୍କ ଆତ୍ମହତ୍ୟା

**ଜି.ଉଦୟଗିରି,୧୯।୧୧(ଡି.ଏନ.ଏ.):** ଜି.ଉଦୟଗିରି ଥାନା କିରାମାହାଠାରେ ଜଣେ ଯୁବକ ନିଜ ରୋଷେଇ ଘରେ ଦୁଲାରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ବାପାଙ୍କ ଏତଲା ପ୍ରକାରେ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୧୭/୧୯ ରୁଜୁ କରଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଥିବା ଏସଆଇ କୌଶଲ୍ୟା ବେହେରା କହିଛନ୍ତି।

### ରୋଗୀଙ୍କୁ ଫଳ ବଣ୍ଟନ

**ଭଞ୍ଜନଗର,୧୯।୧୧(ଡି.ଏନ.ଏ.):** ଶ୍ରୀସତ୍ୟସାଈ ବାବାଙ୍କ ୯୪ତମ ଜୟନ୍ତୀ ଅବସରରେ ଭଞ୍ଜନଗର ସତ୍ୟସାଈ ସେବା ସଙ୍ଗଠନ, ସାଈ ଗୁରୁକୁଳ, ସତ୍ୟସାଈ ବିଦ୍ୟାବିହାର ଛାତ୍ରୀଛାତ୍ର ମିଳିତ ଭାବେ ମଙ୍ଗଳବାର ସ୍ଥାନୀୟ ହସ୍ପିଟାଲରେ ରୋଗୀଙ୍କୁ ଫଳ, ରୁଟି, ବିସ୍କୁଟ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ସାଈ ଗୁରୁକୁଳ ଅଧକ୍ଷ ଅଜିତ କୁମାର ଶତପଥୀ ଉଦ୍ଘାଟନ କରିଥିଲେ। ସେବା ସଙ୍ଗଠନର ସଂଯୋଜକ ଗୌର ଚନ୍ଦ୍ର ରାଉତ, ଗୌର ଚନ୍ଦ୍ର ଦାସ, ସନ୍ତୋଷ କୁମାର ଜେନା, ସନ୍ତୋଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କୁଡୁତୁଲି ପଞ୍ଚାୟତରେ ଗ୍ରାମସଭା

**କ.ନୂଆଗାଁ,୧୯।୧୧(ଡି.ଏନ.ଏ.):** କ.ନୂଆଗାଁ ବ୍ଲକ କୁଡୁତୁଲି ପଞ୍ଚାୟତ ସଭାଗୃହରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବିଷ୍ଣୁପ୍ରିୟା ମଲ୍ଲିକ ଏଥିରେ ଅଧକ୍ଷତା କରିଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ବେହେରା ଗ୍ରାମସଭାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏଥି ସହ ଆସନ୍ତା ୨୦-୨୧ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ କମିଶନ ଓ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଅଟକଳର ଅନୁମୋଦନ କରାଯାଇଥିଲା। ଅଟକଳ ମଧରେ ପଞ୍ଚାୟତ ଅଧିନରେ ଥିବା ବିଭିନ୍ନ ୱାର୍ଡର ରାସ୍ତା, ପୋଖରୀ, କୂଅ, ଗୋରୁଗୁହାଳ, ସ୍କୁଲ ଓ ଅଙ୍ଗନୱାଡ଼ିର ମରାମତି ସହ ନୂତନ ଭାବେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରିଥିଲେ। ପଞ୍ଚାୟତର ସମସ୍ତ ଗାଁ ସାଥୀ, ୱାର୍ଡସଭ୍ୟାସଭ୍ୟ, ଜନସାଧାରଣ ଓ ସିଆରସିସି ଲବ କହଁର ଅଂଶଗ୍ରହଣ କରିଥିବାବେଳେ ଗ୍ରାମ ରୋଜଗାର ସେବିକା ପୁଷ୍ପଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବିପର୍ଯ୍ୟୟ ସଚେତନତା କାର୍ଯ୍ୟକ୍ରମ

**କ.ନୂଆଗାଁ,୧୯।୧୧(ଡି.ଏନ.ଏ.):** କ.ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସ୍ଥାନୀୟ ଖେଳ ପଡିଆରେ ବିପର୍ଯ୍ୟୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଞ୍ଜନଗର ଅଷ୍ଟମ ୟୁନିଟ୍ ଓଡ୍ରାଫ ଟିମ୍‌ର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜକୁ ସୁରକ୍ଷିତ ରଖିବା ସହ ଧନଜୀବନ ବଞ୍ଚାଇ ଅନ୍ୟମାନଙ୍କୁ ମଧ ସହାୟତା କରିପାରିବେ ସେ ନେଇ ସଚେତନ କରିଥିଲେ। ଓଡ୍ରାଫ ଡେପୁଟି ସୁବେଦାର ବାଲିଆ ହେମ୍ବ୍ରମ, ହାବିଲଦାର ପ୍ରମୋଦ କୁମାର ଜେନା ଓ ଗାରିଆ ଲେଙ୍କାଙ୍କ ସମେତ ୨୨ ଜଣ ଯବାନ ଆପଦକାଳୀନ ବିଭିନ୍ନ ଯନ୍ତ୍ରପାତି ସହଯୋଗରେ ବିଭିନ୍ନ କୌଶଳ ଦେଖାଇଥିଲେ। ବ୍ଲକର ଜିପିଇଓ ବିରାଜ କୁମାର ସାହୁ, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପଲାଇ, ସୁଜାତା ଦାସ, ସରିତା ପ୍ରଧାନ, ପ୍ରଫୁଲ୍ଲ କୁମାର ଦାସଙ୍କ ସମେତ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

**୧୦ ବର୍ଷ ବିତିଲା**

# ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ହେଲାନି ବିଜୁ ପାର୍କ


ବନ ବିହାରରେ ପର୍ଯ୍ୟଟନର ମଜା ନେଉଛନ୍ତି ଛାତ୍ରୀଛାତ୍ର।


ପାର୍କ ମୁଖ୍ୟ ଫାଟକ।

**ଭଞ୍ଜନଗର,୧୯।୧୧(ଡି.ଏନ୍.ଏ.)**

- ପର୍ଯ୍ୟଟନ ଋତୁ ଆରମ୍ଭ
- ବର୍ଷକୁ ବନ ବିହାର, ବିଜୁ ପାର୍କକୁ ଆସୁଛନ୍ତି ୮ ଲକ୍ଷ ପର୍ଯ୍ୟଟକ

ବର୍ତ୍ତମାନ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଛି। ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭିଡ ଜମୁଛି। ଏହିଭଳି ଦୈନନ୍ଦିନ ଭଞ୍ଜନଗର ବନ ବିହାର, ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ, ବେଲେଶ୍ୱରୀ ପୀଠ, ଶିରିଡ଼ି ସାଇ ମନ୍ଦିର ଦର୍ଶନରେ ବହୁ ପର୍ଯ୍ୟଟକ ଆସୁଛନ୍ତି। ପର୍ଯ୍ୟଟକଙ୍କ ଆଗମନ ଯୋଗୁ ପର୍ଯ୍ୟଟନସ୍ଥଳୀ ଚଳଚଞ୍ଚଳ ହୋଇପଡ଼ିଛି। ବ୍ୟବସାୟୀମାନେ ମଧ୍ୟ ଲାଭବାନ ହେଉଛନ୍ତି। ବନ ବିହାର ଓ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ପ୍ରବେଶ ଶୁଳ୍କବହୁତ କମ୍ ଥିବାଯୋଗୁ ପର୍ଯ୍ୟଟକ ପସନ୍ଦସ୍ଥଳ ହେଉଛି। ଉଭୟ ସ୍ଥଳରେ ପର୍ଯ୍ୟଟକମାନେ ଭୋଜିଭାତ କରି ମଜା ନେଉଛନ୍ତି। ବନ ବିହାରଟି ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ହେଉଛି। ବିଜୁ ପାର୍କଟି ଜଳସମ୍ପଦ ବିଭାଗ ଦ୍ୱାରା ପରିଚାଳିତ। ପର୍ଯ୍ୟଟକଙ୍କ ଆଗମନକୁ ଦେଖି ଦୁଇ ବିଭାଗ ପକ୍ଷରୁ ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ସଫେଇ କରାଯିବା ସହ ଅଧିକ ଆକର୍ଷଣୀୟ କରିବାକୁ ପ୍ରଚେଷ୍ଟା ଚାଲିଛି। ମଙ୍ଗଳବାର ବ୍ରହ୍ମପୁର ଦି' ମଦର୍ସ କଲେଜର ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ବନ ବିହାର ଓ ପାର୍କ ପରିଦର୍ଶନ କରି ମଜା ଉଠାଇଥିଲେ। କଲେଜର କର୍ମକର୍ତ୍ତା ଲଲାଟେନ୍ଦୁ ସାମନ୍ତ ଏଠାରେ କହିଛନ୍ତି ଯେ, ଏହିଭଳି ପର୍ଯ୍ୟଟନସ୍ଥଳୀ ରାଜ୍ୟରେ ହାତଗଣତି କେତକ ସ୍ଥାନରେ ଅଛି। ସରକାରୀ ପାର୍କ ଏତେ ସଫା ଓ ସୁନ୍ଦର ଅଛି ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ପ୍ରବେଶ ଶୁଳ୍କ ବିଜୁ ପାର୍କରେ ମାତ୍ର ୫ ଟଙ୍କା ଓ ବନ ବିହାରରେ ୩ଟଙ୍କା। ଉଭୟସ୍ଥଳକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରାଯିବାର ଆବଶ୍ୟକତା ରହିଛି। ବିଜୁ ପାର୍କ ଓ ପାର୍କକୁ ଲାଗିଥିବା ବେଲେଶ୍ୱର ପୀଠକୁ ବର୍ଷକୁ ୬ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆସୁଛନ୍ତି। ସେହିଭଳି ବନ ବିହାରକୁ ମଧ୍ୟ ପ୍ରାୟ ୨ଲକ୍ଷ ପର୍ଯ୍ୟଟକ ବର୍ଷକୁ ଆସୁଛନ୍ତି। ବେଲେଶ୍ୱର ପୀଠ, ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ, ବନ ବିହାର ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ପର୍ଯ୍ୟଟନ ମାନଚିତ୍ରରେ ଏହାକୁ ସ୍ଥାନିତ କରିନାହାନ୍ତି, ଯାହାକି ଚିନ୍ତାର ବିଷୟ। ୨୦୦୯ ମସିହାରେ ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଭଞ୍ଜନଗର ଗସ୍ତରେ ଆସିଥିବାବେଳେ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନୀତ କରାଯିବ ବୋଲି ଘୋଷଣା କରିଥିଲେ। ଇତିମଧ୍ୟରେ ୧୦ ବର୍ଷ ବିତିଗଲାଣି ଅଥଚ ଭଞ୍ଜନଗରର ଉକ୍ତ ଦୁଇ ସ୍ଥାନ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରିଲା ନାହିଁ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିନ୍ତୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପାର୍କ ନିକଟରେ ଗେଷ୍ଟ ହାଉସ ନିର୍ମାଣ ଚାଲିଛି। ଏହାର ଉଦ୍‌ଘାଟନ ସମୟରେ ବିଜୁ ପାର୍କ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

# ୭ଦିନର ଝିଅକୁ ଛାଡ଼ି ମହିଳାଙ୍କ ଆତ୍ମହତ୍ୟା

**ଭଞ୍ଜନଗର,୧୯।୧୧(ଡି.ଏନ୍.ଏ.)**

ବେଲଗୁଣ୍ଠା ଫାଣ୍ଡି ନୂଆଗାଁର ରୋଜାଲିନ ଖଣ୍ଡୁଆଳ ସୋମବାର ବିଳମ୍ବିତ ରାତିରେ କୂଅକୁ ଡେ଼ଇଁ ଆତ୍ମହତ୍ୟା କରିଛନ୍ତି। ରୋଜାଲିନଙ୍କ ୭ ଦିନର ଏକ କନ୍ୟାସନ୍ତାନ ଥିବା ଜଣାପଡ଼ିଛି। ବିଗତ କିଛିମାସ ହେବ ରୋଜାଲିନ୍‌ଙ୍କ ମାନସିକ ସ୍ଥିତି ଭଲ ନଥିଲା। ପ୍ରକାଶଯେ ରୋଜାଲିନ ତାଙ୍କ ଗ୍ରାମର ପ୍ରଦୀପ ଖଣ୍ଡୁଆଳଙ୍କୁ ୨ବର୍ଷ ପୂର୍ବେ ବିବାହ କରିଥିଲେ। ପ୍ରଦୀପ ସେନାବାହିନୀରେ ଚାକିରି କରିଥିବାରୁ ବାହାରେ ରହୁଥିଲେ। ସ୍ତ୍ରୀ ଗ୍ରାମରେ ରହୁଥିଲେ। ୭ଦିନ ପୂର୍ବେ ରୋଜାଲିନଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ତେଣୁ ସେ ବାପଘରେ ରହୁଥିଲେ। ସୋମବାର ରାତିରେ ମା' ଓ ଝିଅ ଶୋଇଥିବାବେଳେ ରୋଜାଲିନ୍ ଉଠି ନିଜ ଘର ଅଗଣାରେ ଥିବା କୂଅକୁ ଡେ଼ଇଁ ପଡିଥିଲେ। ରୋଜାଲିନ୍‌ଙ୍କ ମା' ଉଠି ଦେଖିବାବେଳକୁ ଝିଅ ନାହିଁ ନାତୁଣୀ ଏକା ଶୋଇଛି। ଏହାପରେ କୂଅରେ ରୋଜାଲିନ୍‌ଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ କିଛିଦିନ ପୂର୍ବେ ଗ୍ରାମକୁ ଛୁଟିରେ ଆସିଥିବା ସ୍ୱାମୀ ପ୍ରଦୀପ ଓ ଗାଁ ଲୋକେ ପହଞ୍ଚି କୂଅରୁ ମୃତଦେହ ଉଦ୍ଧାର କରି ପୋଲିସକୁ ସୂଚନା ଦେଇଥିଲେ। ବେଲଗୁଣ୍ଠା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## କଲଭର୍ଟ ଦବିଲା, ଯାତାୟାତ ବାଧାପ୍ରାପ୍ତ


ସୃଷ୍ଟି ହୋଇଥିବା ଗର୍ତ୍ତ।

**ଖଜୁରିପଡ଼ା,୧୯।୧୧(ଡି.ଏନ.ଏ.)**

ଖଜୁରିପଡା ବ୍ଲକ ବଲସକୁମ୍ପା ଗ୍ରାମପଞ୍ଚାୟତ ଅଧୀନରେ ଥିବା ଖଲିଗୁଡ଼ି ଗ୍ରାମକୁ ବଲସକୁମ୍ପାଠାରୁ ଟୁକୁଲପଡ଼ା ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କରେ ବିଭିନ୍ନ କାର୍ଯ୍ୟରେ ପଞ୍ଚାୟତ କିମ୍ବା ସଦର ମହକୁମା ଫୁଲବାଣୀର ଛନ୍ଦୁରୁପଦର, ଟୁକୁଲୁପଡ଼ା, ଝଗଡ଼ପଟା, ଗାରଡ଼ାପାଜୁ ଆଦି ଗ୍ରାମର ଲୋକମାନେ ଯାତାୟାତ କରିଥାନ୍ତି। ଏହିପରିପ୍ରେକ୍ଷୀରେ ଏହି ରାସ୍ତାର ମଧ୍ୟଭାଗରେ ଖଲିଗୁଡ଼ି ଗ୍ରାମର ଅଙ୍ଗନୱାଡ଼ି ସମ୍ମୁଖରେ ଥିବା ବହୁ ପୁରାତନ କଲଭର୍ଟ ଦବିଯାଇଛି ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ଅସୁବିଧା ହେଉଛି। ଅଙ୍ଗନୱାଡ଼ି ଆସୁଥିବା ଶିଶୁମାନଙ୍କ ପାଇଁ ମଧ ବିପଦ ବଢିଛି। କଲଭର୍ଟ ମରାମତି ପାଇଁ ସ୍ଥାନୀୟ ମହାବୀର ଯୁବକ ସଂଘ ଓ ମା' ଇଷ୍ଟଦେବୀ ଯୁବକ ସଂଘ ଅନୁରୋଧ କରିଛନ୍ତି।


ଦାରିଙ୍ଗବାଡିରେ ଘନ କୁହୁଡ଼ି।

### ଦାରିଙ୍ଗବାଡ଼ିରେ ଶୀତ କମିଲା

# ତାପମାତ୍ରା ୧୨ ଡିଗ୍ରୀ, ଘନ କୁହୁଡ଼ି

**ଦାରିଙ୍ଗବାଡ଼ି,୧୯।୧୧(ଡି.ଏନ୍.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗତ ୩ ଦିନ ହେଲା ତାପମାତ୍ରା ୯.୫ରୁ ବୃଦ୍ଧି ପାଇ ୧୨ ଡିଗ୍ରୀରେ ରହିଛି। ଫଳରେ ଶୀତ କମିବା ସହ ପୂର୍ବଭଳି ଲୋକେ ଘର ଭିତରେ ପଙ୍ଖା ବ୍ୟବହାର କରୁଛନ୍ତି। ସକାଳୁ ହାଲ୍କା ଶୀତ ଅନୁଭୂତ ହେଉଛି। ପାଗ ମେଘୁଆ ଯୋଗୁ ଏଭଳି ପାଣିପାଗ ରହୁଥିବା କୁହାଯାଇଛି। ମାତ୍ର ସକାଳୁ ଘନ କୁହୁଡି ଯୋଗୁ ଗାଡ଼ିମୋଟର ଯାତାୟାତରେ ବାଧାସୃଷ୍ଟି ହୋଇଛି। ପର୍ଯ୍ୟଟକ ହାଲକା ଶୀତର ମଜା ନେଉଛନ୍ତି। ଅଞ୍ଚଳରେ ଏହି ସମୟରେ ତାପମାତ୍ରା ୧୦ଡିଗ୍ରୀ ତଳକୁ ରହିବା କଥା, ମେଘୁଆ ଯୋଗୁ ତାପମାତ୍ରା ବୃଦ୍ଧି ପାଉଥିବା କୁହାଯାଇଛି। ଶୀତ କମିବା କାରଣରୁ ପର୍ଯ୍ୟଟକଙ୍କ ମହଲରେ ନିରାଶାଭାବ ଦେଖିବାକୁ ମିଳିଛି। ତେବେ ଆଗକୁ ଶୀତର ପ୍ରକୋପ ବୃଦ୍ଧି ପାଇବାକୁ ଥିବାରୁ ଡିସେମ୍ବର ମାସରେ ଦାରିଙ୍ଗବାଡ଼ି ଅଞ୍ଚଳର ହୋଟେଲଗୁଡ଼ିକ ଆଗୁଆ ବୁକିଂ ସରିଥିବା କୁହାଯାଇଛି। ସକାଳୁ ଲୋକେ ବିଭିନ୍ନ ସ୍ଥାନରେ ନିଆଁ ପୁଉଁଥିବା ଦେଖିବାକୁ ମିଳିଛି।

## ଅଙ୍ଗନୱାଡିକୁ ରନ୍ଧନ ଗ୍ୟାସ୍ ବିତରଣ

**ଫୁଲବାଣୀ ଅଫିସ, ୧୯।୧୧**

ଜିଲାପାଳ ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ବିକାଶ ସହ ଏହାର ପରିବେଶ ଏବଂ ପ୍ରାକ୍ ବିଦ୍ୟାଳୟ ପାଠ ପଢ଼ାକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ମଙ୍ଗଳବାର ଫୁଲବାଣୀ ପଞ୍ଚାୟତ ସମିତି ଅଧୀନରେ ଥିବା ସମସ୍ତ ୧୦୪ଟି ଅଙ୍ଗନୱାଡି କେନ୍ଦ୍ରକୁ ରନ୍ଧନ ଗ୍ୟାସ ବିତରଣ କାର୍ଯ୍ୟକ୍ରମ ଗଞ୍ଜୁଗୁଡାଠାରେ ଶୁଭାରମ୍ଭ କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ରରେ ଜାଳେଣୀ କାଠରେ ରନ୍ଧା ହେବା ଦ୍ୱାରା ରୋଷେୟା ଏବଂ ପିଲାମାନେ ଧୂଆଁରେ ଅସ୍ତବ୍ୟସ୍ତ ହେଉଛନ୍ତି। ଏହାକୁ ଦୂର କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଫୁଲବାଣୀ ବିଡିଓ ସୁବ୍ରତ କୁମାର ଜେନା ଏନେଇ ସମସ୍ତ ସରପଞ୍ଚମାନଙ୍କୁ ଆବଶ୍ୟକ ଅର୍ଥ ବ୍ୟୟ ବରାଦ କରିବାକୁ ଅନୁରୋଧ କରିଥିଲେ। ସେହି ଅନୁସାରେ ଚତୁର୍ଦ୍ଦଶ ଅର୍ଥ କମିଶନରୁ ଏହି ଗ୍ୟାସ ଏବଂ ଚୂଲା ଲାଗି ବ୍ୟୟ ବରାଦ ହୋଇଥିଲା। ମଙ୍ଗଳବାରଠାରୁ ଅଙ୍ଗନୱାଡି କେନ୍ଦ୍ରରେ ଗ୍ୟାସରେ ରୋଷେଇ ଆରମ୍ଭ ହୋଇଥିବା ବିଡିଓ ଜେନା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି।

## ପୋଷ୍ୟ ସନ୍ତାନ ସଚେତନତା ସପ୍ତାହ

**ବାଲିଗୁଡା,୧୯।୧୧.(ଡି.ଏନ୍.ଏ.)**

ଜିଲା ଶିଶୁ ସୁରକ୍ଷା ସମିତି, କନ୍ଧମାଳ ଶାଖା ଓ ବନବାସୀ ସେବା ସମିତିର ମିଳିତ ଉଦ୍ୟମରେ ଚାଲିଥିବା ପୋଷ୍ୟ ସନ୍ତାନ ସଚେତନତା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବ ସମିତି ସଭାଗୃହ ପରିସରରେ ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସିଡିପିଓ ଅନିତା କୁମାରୀ ଦାସ, ମୁଖ୍ୟ ବକ୍ତାଭାବେ ଓଡ଼ିଆ ବିଭାଗ ଅଧାପକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ କନ୍ଧମାଳ ଚାଇଲ୍ଡ ଲାଇନର ନର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା, ଖଗେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ପୋଷ୍ୟ ସନ୍ତାନ ଜନିତ ଆଇନ ଓ ନିୟମ ସମ୍ପର୍କରେ ସମ୍ୟକ ସୂଚନା ସହ ଗୋଟିଏ ଶିଶୁପାଇଁ ତାର ପରିବାର ହେଉଛି ସର୍ବୋଚ୍ଚ ସ୍ଥାନ, ଏଣୁ ଆଇନ ଅନୁମୋଦନ ପୋଷ୍ୟ ସନ୍ତାନଦ୍ୱାରା ଏହି କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନା କରୁଥିବା ସମିତିକୁ ସାଧୁବାଦ ଜଣାଇଥିଲେ। ଉତ୍ସବରେ ଯୋଗ ଦେଇଥିବା ଆଡ଼ପସନ ଏଜେନ୍ସିର ମ୍ୟାନେଜର ସରୋଜ କୁମାର ଆଲଟିଆଙ୍କୁ ସ୍ୱାଗତ କରାଯାଇଥିଲା। ଶେଷରେ ସାମାଜିକ କର୍ମୀ ଶୁଭସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷେତ୍ର ପରିଦର୍ଶନ ସହ ସ୍କୁଲରେ ପଢ଼ାଇଲେ ଜିଲାପାଳ

**ଫୁଲବାଣୀ ଅଫିସ, ୧୯।୧୧**


ଜିଲାପାଳ ପଢ଼ାଉଛନ୍ତି।

ଫୁଲବାଣୀ ବ୍ଲକ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ ଜିଲାପାଳ ଡା. ବୃନ୍ଦା ଡି ମଙ୍ଗଳବାର କରିଛନ୍ତି। ଦୁର୍ଗମ ପଞ୍ଚାୟତ ଦୁଦ୍ରୁକି ଓ କଟ୍ରିଙ୍ଗିଆ ଗସ୍ତକରି ବିଜୁ କନ୍ଧମାଳ ଯୋଜନାରେ ନିର୍ମାଣାଧୀନ କଲଭର୍ଟ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ରାସ୍ତା କାମ ତଦାରଖ କରିବା ସହ ହିତାଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଅବସରରେ ଜିଲାପାଳ ଉଖୁସୁଗାଣ୍ଡା ଅଙ୍ଗନୱାଡି କେନ୍ଦ୍ର ଓ ପିପାଲି ପ୍ରାଥମିକ ବିଦ୍ୟାଳୟକୁ ଯାଇ ମଧାହ୍ନ ଭୋଜନ ଯାଞ୍ଚ କରିଥିଲେ। ପରେ ସେଠାରେ ପିଲାମାନଙ୍କୁ ପଢ଼ାଇଥିଲେ। ବିଦ୍ୟାଳୟରେ ଥିବା ଶୌଚାଳୟକୁ ପରିଷ୍କାର ରଖିବା ପାଇଁ ପ୍ରଧାନଶିକ୍ଷକ ଭିକାରୀ ଚରଣ ପ୍ରଧାନଙ୍କୁ ତାଗିଦ୍ କରିଥିଲେ। ଏହାପରେ ଅରାପାଜୁ ଗ୍ରାମର ପାନୀୟ ଜଳ ପ୍ରକଳ୍ପ, ଉର୍ମାଗଡ ଜଳପ୍ରପାତରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିଥିଲେ। ଆଗାମୀ ଦିନରେ ଏମ୍‌ଜିଏନ୍‌ଆରଇଜିଏସ୍‌ରୁ ଅଧିକ ଜଳ ସଂରକ୍ଷଣ ପ୍ରକଳ୍ପ ନେବା ପାଇଁ ବିଡିଓ ସୁବ୍ରତ କୁମାର ଜେନା ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସତରଞ୍ଜି ବୈଠକ

**ପାଟପୁର,୧୯।୧୧(ଡି.ଏନ୍.ଏ.)**

ସାନଖେମୁଣ୍ଡି ବ୍ଲକ ପାଟପୁର ବଟେଶ୍ୱରୀ ମଣ୍ଡପରେ ପଞ୍ଚାୟତସ୍ତରୀୟ ସତରଞ୍ଜି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାନଖେମୁଣ୍ଡି ବିଡିଓ ଗାୟତ୍ରୀଦତ୍ତ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅଧିକାରୀଙ୍କ ଦ୍ୱାରା ତର୍ଜମା କରାଯିବା ସହ କାର୍ଯ୍ୟ ସମ୍ପାଦନରେ ଉପୁଜୁଥିବା ବାଧା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପରିମଳ ଯନ୍ତ୍ରୀ ଇଂ.ଶରତ ଚନ୍ଦ୍ର ସାହୁ, ବ୍ଲକ ସହକାରୀ ପ୍ରାଣୀ ସମ୍ପଦ ଅଧିକାରୀ, ଜିଲା ପରିଷଦ ସଭ୍ୟ ଶଙ୍କର୍ଷଣ ସ୍ୱାଇଁ, ସରପଞ୍ଚ ଟି.ବାବୁ ସୁବୁଦ୍ଧି, ସମିତିସଭ୍ୟ ପ୍ରତିନିଧି ପ୍ରଶାନ୍ତ ସ୍ୱାଇଁଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଓ ଗ୍ରାମବାସୀ ଯୋଗଦେଇଥିଲେ।

## ବାର୍‌ହା, କୁଟୁରା ଛାଲ ଜବତ: ଅଭିଯୁକ୍ତ ଫେରାର

**ବୁଗୁଡ଼ା,୧୯।୧୧(ଡି.ଏନ.ଏ.)**


ଜବତ ଗାଡ଼ି ସହ ବାରହା ଓ କୁଟୁରା ଚମଡ଼ା।

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ସଙ୍କୁରୁ ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ଏକ ଏକ୍ସେଲ ଗାଡ଼ିରୁ ବାର୍‌ହା ଓ କୁଟୁରା ଛାଲ ଏବଂ ୨୫୦ ଗ୍ରାମ ମାଂସ ବନ ବିଭାଗ ପକ୍ଷରୁ ଜବତ କରାଯାଇଛି। ଏକ୍ସେଲ-୧୦୦ ଗାଡ଼ି (ନଂ.ଓଡି୩୨ବି୩୮୨୪)ରେ ଜଣେ ବ୍ୟକ୍ତି ୨ଟି ଛାଲ ସହ ମାଂସ ଧରି ସଙ୍କୁରୁ ରାସ୍ତାରେ ଯାଉଥିବା ବନ ବିଭାଗକୁ ଖବର ମିଳିଥିଲା। ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ଚଢ଼ାଉ କରି ଉକ୍ତ ଗାଡ଼ି ସହ ବାର୍‌ହା ଓ କୁଟୁରା ଛାଲ ସହ ମାଂସ ଜବତ କରିଥିଲେ। ଗାଡ଼ିଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଚଢ଼ାଉରେ ଡେପୁଟି ରେଞ୍ଜର ଦୁଃଶାସନ ନାୟକ, ମାଣିତରା ବନପାଳ ସରସ୍ୱତୀ ନାୟକ, ବନରକ୍ଷୀ ଧବଳେଶ୍ୱର ପ୍ରଧାନ, ଆରତୀ ପଣ୍ଡା, ଶିବ ପ୍ରସାଦ ତ୍ରିପାଠୀ, ପ୍ରଶାନ୍ତ କୁମାର ପଲାଇ ପ୍ରମୁଖ ସାମିଲ ଥିଲେ। ଗାଡ଼ିର ନମ୍ବରକୁ ତନଖି କରି ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ପ୍ରକାଶ କରିଛନ୍ତି।

# ରାସ୍ତା ନିର୍ମାଣରେ ଅନିୟମିତତା, ଜିଲାପାଳଙ୍କୁ ସ୍ମାରକପତ୍ର

**ଦିଗପହଣ୍ଡି,୧୯।୧୧(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ କୈଁଡା ପଞ୍ଚାୟତ ଝାଟିପିଟିଆ ଗାଁ ମୁଖ୍ୟରାସ୍ତା ନିର୍ମାଣର ଦିନକପରେ ଦବିଛି। ଏହି କାମରେ ଅନିୟମିତତା ହୋଇଥିବା ଦର୍ଶାଇ ତଦନ୍ତ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟାଦେଶରେ ଉଲ୍ଲେଖ ଥିବା ଏଷ୍ଟିମେଟ ଅନୁସାରେ କାମ ହୋଇ ନ ଥିବାବେଳେ ନିମ୍ନମାନର ସାମଗ୍ରୀ ବ୍ୟବହାର, ସୂଚନା ଫଳକ ଲାଗି ନ ଥିବା ଗ୍ରାମର ଜି.ସିମାଦ୍ରି, ଏସ.ରାମକୃଷ୍ଣ ପାତ୍ର, ଏସ. ଜଗନ୍ନାଥ ପାତ୍ର, ଅମ୍ବର ନାୟକ, ଜି.ଶଙ୍କର ଜଣାଇଛନ୍ତି। ଏନେଇ ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠଯନ୍ତ୍ରୀ ଇଂ.ଏସ. କେ. ଚୌଧୁରୀଙ୍କୁ ପଚାରିବାରୁ ଅଭିଯୋଗ ଅସତ୍ୟ ବୋଲି କହିଛନ୍ତି। ନିର୍ମାଣ କାମକୁ ନେଇ ଦୁଇ ଯୁବ ଗୋଷ୍ଠୀଙ୍କ ମଧରେ ବିବାଦ ଯୋଗୁ ଏଭଳି ମିଥ୍ୟା ଅଭିଯୋଗ କରାଯାଇଥିବା ସେ କହିଛନ୍ତି।

**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ**

# ୨୫ ଜଣଙ୍କୁ ମିଳିଲା ପ୍ରମାଣପତ୍ର

**ଫୁଲବାଣୀ ଅଫିସ/ଫିରିଙ୍ଗିଆ,୧୯।୧୧**

ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ ଗୋଛାପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୮୯ଜଣ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ, ୯ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୨ ଜଣଙ୍କୁ ତିନି ଚକିଆ ସାଇକେଲ୍, ୨ ଜଣଙ୍କୁ ହ୍ୱିଲ୍ ଚେୟାର ଏବଂ ୧୦ ଜଣଙ୍କୁ ଅନ୍ୟାନ୍ୟ ଉପକରଣ ବିତରଣ କରିବାକୁ ସୁପାରିଶ କରାଯାଇଛି। ଶିବିରରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକଙ୍କ ସମେତ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୟଦ ତାରୁକ ଅହମ୍ମଦ, ଚକ୍ଷୁ ବିଶେଷଜ୍ଞ ଡା. ବିଦ୍ୟୁତଲତା ମିଶ୍ର, କର୍ଣ୍ଣ-ନାସା-ଗଳା ବିଶେଷଜ୍ଞ ଡା. ସସ୍ମିତା ଦେବୀ, ଭେଷଜ ବିଶେଷଜ୍ଞ ଡା. ଅଜିତ କୁମାର ଦଳେଇ ଏବଂ ଶ୍ରବଣ ପରୀକ୍ଷକ ବସନ୍ତ କୁମାର ପଲେଇ ପଞ୍ଜୀକୃତ ବ୍ୟକ୍ତିମାନଙ୍କ ଭିନ୍ନକ୍ଷମତା ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମହନ୍ତ, ଶିଶୁ ବିକାଶ ଯୋଜନା ଅଧିକାରୀ ମଞ୍ଜୁଳା ପ୍ରଧାନ, ଜିଲା ଭିନ୍ନକ୍ଷମ ଅଧିକାରୀ ଅକ୍ଷୟ କୁମାର ପଣ୍ଡା, ଫିରିଙ୍ଗିଆ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମୈତ୍ରୀ ଶତପଥୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବଡ଼ସେଠ, ଜିଲା କାର୍ଯ୍ୟକ୍ରମ ପରିଚାଳକ ଦୀପକ କୁମାର ସାହୁ ଏବଂ ଗୋଛାପଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କହଁର ପ୍ରମୁଖ ଉପସ୍ଥିତ ଥିଲେ।


ଶିବିରରେ ଉପସ୍ଥିତ ଡାକ୍ତରଙ୍କ ସହ ଅନ୍ୟ କର୍ମକର୍ତ୍ତା।

ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୨୦ ନଭେମ୍ବର,୨୦୧୯



## ସଂକ୍ଷେପରେ

### ୧୧ ଜୁଆଡି ଗିରଫ: ୧୪ ବାଇକ, ଟଙ୍କା ଜବତ

ପାଟପୁର,୧୯।୧୧- ପାଟପୁର ପୋଲିସ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଏକ ଜୁଆ ଆଡ୍ଡା ଉପରେ ଚଢାଉ କରି ୧୧ଜଣ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୪ ବାଇକ, ୧୦ଟି ମୋବାଇଲ ଫୋନ, ୧୫ହଜାର ୩ଶହ ଟଙ୍କା, ୬ ମୁଠା ତାସ ଜବତ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଥାନା ଅନ୍ତର୍ଗତ ଏସ୍ ଗୋପାଳପୁର ପଞ୍ଚାୟତ ଗୁଡ଼ିଆପାଟଣା ନିକଟ ପାତ୍ରଢେପର ଏକ ଦୁର୍ଗମ ସ୍ଥାନରେ ବଡ଼ ଧରଣର ଜୁଆ ଅଡ୍ଡା ଚାଲିଥିବା ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ଅଜୟ ବାରିକଙ୍କ ନେତୃତ୍ୱରେ ପୋଲିସ ଟିମ୍ ସେଠାରେ ଚଢାଉ କରିଥିଲେ।

### ବାଲାଜୀ ବିଦ୍ୟାପୀଠରେ ସୁନେତ୍ର କାର୍ଯ୍ୟକ୍ରମ

କନିଷି,୧୯।୧୧(ଡି.ଏନ.ଏ.)- କନିଷି ହାଟସ୍ଥିତ ବାଲାଜୀ ବିଦ୍ୟାପୀଠରେ କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ବିଇଓ ଡ. ପ୍ରଭାତୀ କୁମାରୀ ମହାପାତ୍ର, ଏବିଇଓ ଲୋକନାଥ ପାଢ଼ୀ, ରଙ୍ଗେଇଲୁଣ୍ଡା ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ବିଦୁଷା ମିଶ୍ର, ବାଲାଜୀ ବିଦ୍ୟାପୀଠ ଶିକ୍ଷକ ବାବୁନି ପାଢ଼ୀ, ଚକ୍ଷୁ ବିଶେଷଜ୍ଞ ଡା. ସୁଶାନ୍ତ କୁମାର ବେହେରା, କେଲୁଆପଲ୍ଲୀ ସିଏଚ୍‌ସି ବିପିଏମ୍ ରଞ୍ଜନ କୁମାର ବେହେରା, ଓଏ ଅକ୍ଷୟ ଚନ୍ଦ୍ର ମହାପାତ୍ର, ବୃନ୍ଦାବନ ଦଳେଇ, ପ୍ରତାପ କୁମାର ବେହେରା, ଡା. ସୁଜିତ ମହାପାତ୍ର, ଡା. ଜଗଦୀଶ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୨୧ ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ତରଫରୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା ଏବଂ ଦୁଇ ଛାତ୍ରଙ୍କୁ ବ୍ରହ୍ମପୁର ସିଟି ହସ୍ପିଟାଲକୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପଠାଯାଇଥିଲା।

### ଭତ୍ତା ବାଣ୍ଟିଥିବା କର୍ମଚାରୀଙ୍କୁ ମିଳିନି ୯ ମାସର ଦରମା

ଛତ୍ରପୁର,୧୯।୧୧(ଡି.ଏନ.ଏ.) ଛତ୍ରପୁର ବ୍ଲକର ବିଭିନ୍ନ ପଞ୍ଚାୟତସ୍ତରରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ପାଇଁ ପିଏଜି (ପଞ୍ଚାୟତ ଆସିଷ୍ଟାନ୍ସି ଗ୍ରୁପ) କୋ-ଅର୍ଡିନେଟର ନିଯୁକ୍ତି ପାଇ କାମ କରୁଛନ୍ତି। ଛତ୍ରପୁରସ୍ଥିତ ଜିଲା ସମାଜ ସୁରକ୍ଷା ବିଭାଗର ଅନୁମତିକ୍ରମେ ୨୦୧୮ରେ ଏମାନଙ୍କୁ ଆଉଟସୋର୍ସିଂରେ ଶାରଦା ସିଷ୍ଟମ ପ୍ରାଇଭେଟ ଲିମିଟେଡ୍ ଜରିଆରେ ନିଯୁକ୍ତି ମିଳିଥିଲା। ତେବେ ଏହି କର୍ମଚାରୀମାନେ ଗତ ୯ ମାସର ଦରମା ପାଇନାହାନ୍ତି। ଫଳରେ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ନିଯୁକ୍ତି ପାଇବାର ୧୧ ମାସ ବିତିଲାଣି। ମାତ୍ର ୨ ମାସର ଦରମା ମିଳିଥିବା ଛତ୍ରପୁର ବ୍ଲକର ପିଏଜିମାନେ କହିଛନ୍ତି। ମଙ୍ଗଳବାର ଛତ୍ରପୁର ବିଡିଓଙ୍କୁ ଭେଟି ଏ ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାର ତଦନ୍ତ କରି ଉକ୍ତ ସଂସ୍ଥାକୁ ବକେୟା ୯ ମାସର ଦରମା ଦେବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଅନୁରୋଧ କରିଛନ୍ତି।

### ଅଙ୍ଗନୱାଡି ୱାର୍କର୍ସ ସଂଘର ବୈଠକ

ପାଟପୁର,୧୯।୧୧(ଡି.ଏନ.ଏ.) ସାନଖେମୁଣ୍ଡି ଅଙ୍ଗନୱାଡି ୱାର୍କର୍ସ ସଂଘ ପକ୍ଷରୁ ରବିବାର ଶିକ୍ଷକ ଭବନଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ପ୍ରତିମା ଦେବୀଙ୍କ ତତ୍ତ୍ୱାବଧାନରେ ସଂଘର ଆୟବ୍ୟୟ, ଯୁଗ୍ମ ପାସ ବୁକ, ସଂଘର ସୁଦୃଢୀକରଣ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡିକେନ୍ଦ୍ର ସମ୍ପାଦିକା ଉଷାରାଣି ଦୋରା, କୋଷାଧ୍ୟକ୍ଷ ସାଧୁ ନାହାକ, ପୀତବାସ ଜେନା, ପ୍ରୋମଦ ଜେନା, ରାଜୁ ସ୍ୱାଇଁ, ପଞ୍ଚାନନ ଆଚାରି, ଶିବ

## ୪ରୁ ଛତ୍ରପୁରରେ ଜିଲାସ୍ତରୀୟ ଲୋକକଳା ମହୋତ୍ସବ

# ମନ ମୋହିବେ ବଲିଉଡ୍, ଓଲିଉଡ୍ କଳାକାର

ଛତ୍ରପୁର,୧୯।୧୧(ଡି.ଏନ.ଏ)

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁରଠାରେ ଡିସେମ୍ବର ୪ ତାରିଖରୁ ଜିଲାସ୍ତରୀୟ ଲୋକକଳା ମହୋତ୍ସବ ଆରମ୍ଭ ହେବ । ଏହା ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଜିଲା ସଂସ୍କୃତି ପରିଷଦ, ପର୍ଯ୍ୟଟନ ବିଭାଗ ଓ ଓର୍‌ମାସ ପକ୍ଷରୁ ମିଳିତ ଭାବେ କାର୍ଯ୍ୟକ୍ରମ ଆୟୋଜନ ହେବ । ଲୋକକଳା ମହୋତ୍ସବ ସହ ତାମ୍ପରା ଉତ୍ସବ, ପଲ୍ଲୀଶ୍ରୀ ମେଳା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଓ ଗ୍ରାମୀଣ ଆବାସ ମେଳା ଅନୁଷ୍ଠିତ ହେବ । ପ୍ରତିଦିନ ସନ୍ଧ୍ୟା ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ବିଭିନ୍ନ ପାରମ୍ପରିକ ଲୋକକଳା, ନୃତ୍ୟ ଓ ଗୀତ ପ୍ରଦର୍ଶିତ ହେବ । ଏହାପରେ ଆମନ୍ତ୍ରିତ ବଲିଉଡ୍ ଓ ଓଲିଉଡ୍ କଳାକାରମାନେ ନୃତ୍ୟ, ଗୀତ ଓ ସଙ୍ଗୀତ ପରିବେଷଣ କରିବେ ବୋଲି ମଙ୍ଗଳବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାନ୍ତ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସୋମବାର ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ଆୟୋଜନ ପାଇଁ ବିଭିନ୍ନ ସବ କମିଟି ଗଠନ କରାଯାଇଛି।

ଛତ୍ରପୁର ଷ୍ଟାଡିୟମରେ ୫ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସମେତ ଅନ୍ୟାନ୍ୟ ଜିଲା ଏବଂ ରାଜ୍ୟ ବାହାରୁ କଳାକାରମାନେ ଆସି ପାରମ୍ପରିକ ନୃତ୍ୟ, ଗୀତ ପରିବେଷଣ କରିବେ। ବଲିଉଡ୍ କଳାକାର ଆସ୍ଥା ଗିଲ୍, ବାବା ସେହଗଲ୍, ରାହୁଲ ଜୈନ, ସମୀର ରିଶୁ ମହାନ୍ତି, ଅଭିଜିତ ମଜୁମଦାର ଓ ରତୁରାଜ ମହାନ୍ତି ଏବଂ ସେମାନଙ୍କ ଗ୍ରୁପ୍ ପକ୍ଷରୁ ନାଚ ଓ ଗୀତ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି। ମହୋତ୍ସବରେ ଓରମାସ୍, ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନ ସମେତ ବିଭିନ୍ନ ବିଭାଗର୧୬୦ ଷ୍ଟଲ୍ ରହିବ । ସୂଚନାଯୋଗ୍ୟ, ଗତବର୍ଷ ଛତ୍ରପୁରରେ ଜିଲାସ୍ତରୀୟ ଲୋକକଳା ମହୋତ୍ସବ ଆରମ୍ଭ ହୋଇଥିଲା । ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଏହି ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସାମାଜିକ ସମୀକ୍ଷା



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ହିଞ୍ଜିଳିକାଟୁ,୧୯।୧୧(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସାମାଜିକ ସମୀକ୍ଷା ମଙ୍ଗଳବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ ସମୀକ୍ଷା କରିବା ସହ ବିଭିନ୍ନ ପ୍ରସ୍ତାବ ଉପରେ ମତ ରଖିଥିଲେ। ଜିଲା ସାମାଜିକ ସମୀକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ମଲାଣ ରେକର୍ଡ଼ ଯାଞ୍ଚ ଏବଂ ୨୦୧୮-୧୯ ପ୍ରଥମ ୬ମାସର ତୁଳନାତ୍ମକ ବିବରଣୀ ପ୍ରଦାନ କରିବା ସହ କାର୍ଯ୍ୟ ସମ୍ପାଦନ ନେଇ ଗୁରୁତ୍ୱାରୋପ କରିଥିଲେ। ବିଡ଼ିଓ ପ୍ରସନ୍ନ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷ ଏନ. ରଘୁନାଥ, ଏବିଡ଼ିଓ ଅରୁଣ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ହୋତା, ଏପିଓ ପ୍ରକାଶ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ । ଜିଆରଏସ୍‌ମାନେ ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାର ପ୍ରକଳ୍ପ, ପ୍ରକଳ୍ପର ସ୍ଥିତି, ଶ୍ରମ ଦିବସ ଓ ବ୍ୟୟ ଆଦିର ବିବରଣୀ ପ୍ରଦାନ କରିଥିଲେ । ପରେ ସହକାରୀ ଯନ୍ତ୍ରୀ କର ବ୍ଲକସ୍ତରୀୟ ରିପୋର୍ଟ ଦେଇଥିଲେ। ସହକାରୀ ଉଦ୍ୟାନ ବିଭାଗ ପକ୍ଷରୁ ଶୁଭସ୍ମିତା ସାହୁ, ମୃତ୍ତିକା ସଂରକ୍ଷଣ ବିଭାଗର ଭଗବାନ ଜେନା, ଫରେଷ୍ଟର ପ୍ରଦୀପ କୁମାର ପଣ୍ଡା ଏହି ଯୋଜନାରେ କରାଯାଇଥିବା ପ୍ରକଳ୍ପ ଉପରେ ବିବରଣୀ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ବୈଠକରେ ଯୋଗ ଦେଇଥିଲେ।

## ଶିଶୁ ଅଧିକାର ସପ୍ତାହ କର୍ମଶାଳା

ହିଞ୍ଜିଳିକାଟୁ,୧୯।୧୧(ଡି.ଏନ୍.ଏ)

ବ୍ରହ୍ମପୁରସ୍ଥିତ ଆଇଏସ୍‌ଆର୍‌ଡ଼ି ଚାଇଲ୍ଡ ଲାଇନ୍ ପକ୍ଷରୁ ରବିବାର ହିଞ୍ଜିଳିକାଟୁ ବ୍ଲକ ଅଫିସ ପରିସରରେ ଶିଶୁ ଅଧିକାର ସପ୍ତାହ ଏବଂ ପଞ୍ଚାୟତ ସ୍ତରରେ ଶିଶୁ ସୁରକ୍ଷା ସମିତିର ସୁଦୃଢ଼ୀକରଣ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ସୁଦିପ ସାହୁଙ୍କ ପୌରହିତ୍ୟରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସୁରେନ୍ଦ୍ରନାଥ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତଥି ଭାବେ ବିଡିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ଜିଲା ଶ୍ରମ ଅଧିକାରୀ ଶିବ ପ୍ରସାଦ ସାହୁ, ସିଡିପିଓ ଶୁଭଶ୍ରୀ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ସ୍ତରରେ ଶିଶୁ ସୁରକ୍ଷା କମିଟି ଗୁଡ଼ିକୁ ଅଧିକ କ୍ରିୟାଶୀଳ ପାଇଁ ପ୍ରସ୍ତାବ ହୋଇଥିଲା। ଚାଇଲ୍ଡ ଲାଇନ୍‌ର ସାଇ ପ୍ରସାଦ ସାମଲ, ପ୍ରଣତି କୌର, ସୌରଭ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବହୁ ଅଙ୍ଗନୱାଡ଼ି କର୍ମୀ ଓ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ମଧୁମେହ, ଥାଇରଏଡ ସଚେତନତା

ଆସିକା,୧୯।୧୧(ଡି.ଏନ୍.ଏ.)

ଆସିକା ସହରରେ ମଙ୍ଗଳବାର ଲାୟନ୍ସ କ୍ଲବ ପକ୍ଷରୁ ମଧୁମେହ ଓ ଥାଇରଏଡ ରୋଗ ସମ୍ପର୍କରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ଶୋଭାଯାତ୍ରା ସତ୍ୟନାରାୟଣ ମନ୍ଦିରରୁ ବାହାରି ବସଷ୍ଟାଣ୍ଡ, ବିନୋବା ମାର୍ଗ, କୁମ୍ଭାର ସାହି, ଖମ୍ବେଶ୍ୱରୀ ପାଟଣା ଆଦି ଅଞ୍ଚଳ ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ଡାକ୍ତର ସୁନିଲ କୁମାର କୋଟା ଯୋଗଦେଇ ଏହି ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଲାୟନ୍ସ କ୍ଲବର ସଭାପତି ପି. ତିରୁପତି ପାତ୍ର, କେ. ସନ୍ତୋଷ କୁମାର ସେନାପତି, ରମେଶ ଚନ୍ଦ୍ର ପଣ୍ଡା, କିଶୋର କୁମାର ସେନାପତି, ବି. ପ୍ରକାଶ ଚନ୍ଦ୍ର ପାତ୍ର, ଇ. ଅରୁଣ କୁମାର ପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପଦଯାତ୍ରାରେ ସ୍କାଉଟ ଓ ଗାଇଡ ଛାତ୍ରୀଛାତ୍ର ସାମିଲ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଭରତପତି କଲେଜରେ ଅଧାପକ ମରୁଡ଼ି

# ସ୍ଥିତି ପରଖିଲେ ମନୋରଞ୍ଜନ

ପାତ୍ରପୁର,୧୯।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୀମାନ୍ତ ଆନ୍ଧ୍ର ଓଡ଼ିଶା ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ଭରତପତି ମହାବିଦ୍ୟାଳୟକୁ ସୋମବାର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା ଗସ୍ତ କରିଥିଲେ। କଲେଜର ବିଭିନ୍ନ ସମସ୍ୟା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। କଲେଜଟି ବହୁ ପୁରାତନ ହେଲେ ସୁଦ୍ଧା ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ବହୁ ସମସ୍ୟା ଦେଇ ଗତି କରୁଛି। ସରକାର ଏଥିପ୍ରତି ଦୃଷ୍ଟି ନଦେବା ଦୁଃଖର ବିଷୟ। ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନିରେ ଉଭୟ କଳା ଏବଂ ବିଜ୍ଞାନ ଥିଲେ ମଧ ଆବଶ୍ୟକ ଅଧାପକ ନ ଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି। ମୋଟ ୩୮ ଜଣ ଅଧାପକଙ୍କ ଆବଶ୍ୟକତା ଥିବାବେଳେ ମୋଟ ୭ଜଣ ସରକାରୀ ଅଧାପକ ରହିଛନ୍ତି। ଜୁଲୋଜି, ଫିଜିକ୍ସ ଏବଂ କେମେଷ୍ଟ୍ରିରେ ଆଦୌ ଅଧାପକ ନଥିବାବେଳେ ମ୍ୟାନେଜମେଣ୍ଟ ତରଫରୁ ରଖାଯାଇଛି। ସେହଭଳି ଅନ୍ୟାନ୍ୟ ବିଭାଗରେ ଆବଶ୍ୟକୀୟ ଅଧାପକଙ୍କୁ ମ୍ୟାନେଜମେଣ୍ଟ ତରଫରୁ ରଖାଯାଇଥିବାବେଳେ ବୋଝ ପିଲାଙ୍କ ଉପରେ ପଡୁଛି। କଲେଜର ନିଜସ୍ୱ ଖେଳପଡ଼ିଆ ନଥିବାବେଳେ ଲାଇବ୍ରେରିରେ ଆବଶ୍ୟକୀୟ ବହି ନାହିଁ। କଲେଜରେ ମୋଟ ୧୨ଶହ ପିଲାଙ୍କ ପାଇଁ ୫ଟି ଟଏଲେଟ ରହିଛି। ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ଯୁବସମାଜ ଓ ଭାଜପା ଦଳ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସାମନ୍ତରା ପ୍ରକାଶ କରିଛନ୍ତି।

## ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

# ଶକ୍ତି କଳସ ଲାଗି ପ୍ରତିନିଧିଙ୍କ ଗସ୍ତ

ଆସିକା,୧୯।୧୧(ଡି.ଏନ୍.ଏ)

ଗଞ୍ଜାମ ଜିଲା ଗାୟତ୍ରୀ ପରିବାର ଆନୁକୂଲ୍ୟାରେ ଆସନ୍ତା ଜାନୁଆରୀ ୨୯ରୁ ଫେବୃଆରୀ ୧ ତାରିଖ ଯାଏ ଆସିକାରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ।
ଯଜ୍ଞ ପୂର୍ବରୁ ହରିଦ୍ୱାର ଶାନ୍ତି କୁଞ୍ଜିତ ଗାୟତ୍ରୀ ଶକ୍ତି ପୀଠରୁ ଶକ୍ତି କଳସ ଆଣିବା ପାଇଁ ରବିବାର ମହାଯଜ୍ଞ ପରିଚାଳନାର ଏକ ପ୍ରତିନିଧି ଦଳ ବାହାରିଛନ୍ତି। ପୂର୍ବାହ୍ନରେ ଆସିକାର ଆରାଧ ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଏହି ପ୍ରତିନିଧି ଦଳ ଶାନ୍ତିକୁ ଗସ୍ତରେ ବାହାରିଥିଲେ। ଗଞ୍ଜାମ ଜିଲା ଗାୟତ୍ରୀ ପରିବାରର ପ୍ରମୁଖ ଡ. ବୃନ୍ଦାବନ ମିଶ୍ର, ଜ୍ୱାଳା ପ୍ରସାଦ ଆଚାର୍ଯ୍ୟ, ତ୍ରିନାଥ ସେଠୀ, ପାଣ୍ଡବ ଗୌଡ ପ୍ରମୁଖ ବେଦମନ୍ତ୍ର ଉଚ୍ଚାରଣ କରି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଯାତ୍ରାରେ ଆସିକାରୁ ଦିଲୀପ ପାଣିଗ୍ରାହୀ, ସନ୍ତୋଷ ପୋଲାଇ, ଜ୍ୱାଳା ପ୍ରସାଦ ଆଚାର୍ଯ୍ୟ, ପ୍ରଦୀପ ପାଣିଗ୍ରାହୀ, ଅନିଲ କୁମାର ପାଣିଗ୍ରାହୀଙ୍କ ସମେତ ବହୁ ଭକ୍ତ ସାମିଲ ଥିଲେ। ଏହି ପ୍ରତିନିଧି ଦଳ ଶାନ୍ତିକୁଞ୍ଜରୁ ଶକ୍ତିକଳସ ନେଇ ଫେରିବା ପରେ ନଭେମ୍ବର ୨୫ ତାରିଖ ଆସିକାରେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କାର୍ଯ୍ୟକ୍ରମ ରଖାଯାଇଛି।

# ପଞ୍ଚାୟତସ୍ତରୀୟ ସତରଞ୍ଜି ବୈଠକ

ଧରାକୋଟ,୧୯।୧୧(ଡି.ଏନ.ଏ.)- ଧରାକୋଟ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ଆନୁକୂଲ୍ୟରେ ସତରଞ୍ଜି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ଅଜୟ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ଶତପଥୀ, ସରପଞ୍ଚ ପ୍ରତିନିଧି ଦିଲୀପ କୁମାର ସ୍ୱାଇଁ, ଗ୍ରାମ ରୋଜଗାର ସେବକ ସୁଜାତା ନାୟକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ରାଉତ, ଯୋଗାଣ ସହାୟକ



ସତରଞ୍ଜି ବୈଠକ।

ଗୋପାଳହରି ଗୌଡ଼ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ, ଗ୍ରାମ୍ୟ ପରିମଳ, ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆମ ଗାଁ ଆମ ବିକାଶର ସଫଳ ରୂପାୟନ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ଶେଷ କରିବା ପାଇଁ ଆଲୋଚନା ହୋଇଥିଲା। ନାଏବ ସରପଞ୍ଚ ପଞ୍ଚାନନ ଜେନା, ୱାର୍ଡସଭ୍ୟ ମୀନକେତନ ସ୍ୱାଇଁ ଓ ଶତାଧିକ ମହିଳା, ପୁରୁଷ ଯୋଗ ଦେଇଥିଲେ।

# ତହସିଲଦାରଙ୍କ ଅଭିଯୋଗ ଶୁଣାଣି



ବୈଠକରେ ଉପସ୍ଥିତ ତହସିଲଦାର ଓ ଅନ୍ୟମାନେ।

ଶଙ୍କରାଖୋଲ,୧୯।୧୧(ଡି.ଏନ.ଏ.)

ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ତହସିଲଦାରଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଚକାପାଦ ତହସିଲଦାର ପ୍ରଣତୀ ପ୍ରିୟଦର୍ଶନୀ ରାଉତ ଯୋଗଦେଇ ୪୫ଟି ଅଭିଯୋଗ ଶୁଣିଥିଲେ। ସେଥିରୁ ୪୧ଟି ବ୍ୟକ୍ତିଗତ ଥିବାବେଳେ ୪ଟି ସାମୂହିକ ଥିଲା। ଜମିଜମା ଓ ଜାତିଗତ ପ୍ରମାଣପତ୍ର ନେଇ ବହୁ ଅଭିଯୋଗ ରହିଥିଲା। ଏହାସହ ଶଙ୍କରାଖୋଲ ମା' ପୀତାବଳି ମନ୍ଦିର ଦଖଲରେ ରହିଥିବା ସ୍ଥାନକୁ ପଟ୍ଟା ପ୍ରଦାନ କରିବା, ଉଭୟ ଆରାବକା ଓ ଶଙ୍କରାଖୋଲ ପଞ୍ଚାୟତରେ ଥିବା କୁଇ ସମାଜ କାର୍ଯ୍ୟାଳୟ ପାଇଁ ଜାଗା ପ୍ରଦାନ କରିବାକୁ ଦାବି ହୋଇଥିଲେ। ଉଭୟ ଆରାବାକା ଓ ଶଙ୍କରାଖୋଲ ସରପଞ୍ଚ ନାରାୟଣ ପ୍ରଧାନ, ଚିତ୍ର କହଁର, ସୁପରଭାଇଜର ପ୍ରମୋଦ କୁମାର ବେହେରା, ଶଙ୍କରାଖୋଲ ଆର୍‌ଆଇ କାମାକ୍ଷୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳକ ନିଖୋଜ, ଥାନାରେ ମାମଲା

ଗୋପାଳପୁର,୧୯।୧୧

ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜର ନାଏକ ସୁବେଦାରଙ୍କ ପୁତ୍ର ନିଖୋଜ ଥିବା ନେଇ ଗୋପାଳପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜର ନାଏକ ସୁବେଦାର ରସ୍ତମ ସିଂଙ୍କ ପୁଅ ଖୁସମନ୍ତ (୧୬) ଏଡି କଲେଜ ପରିସରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ। ସୋମବାର ପୂର୍ବାହ୍ନରେ ଖୁସମନ୍ତ ବିଦ୍ୟାଳୟକୁ ଯିବି ବୋଲି କହି ଘରୁ ବାହାରିଥିଲେ, ମାତ୍ର ବିଦ୍ୟାଳୟରେ ପହଞ୍ଚି ନ ଥିଲେ। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପୁଅ ପରୀକ୍ଷା ଦେବାକୁ ଆସି ନ ଥିବା ତାଙ୍କ ମା'ଙ୍କୁ ଫୋନକରି ଜଣାଇଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଖୁସମନ୍ତ ଘରକୁ ଫେରିଥିଲେ। ଏନେଇ ମା' ଖୁସମନ୍ତଙ୍କୁ କାହିଁକି ପରୀକ୍ଷା ଦେବାକୁ ଯାଇନୁ ବୋଲି ପଚାରିଥିଲେ। ଆସନ୍ତାକାଲି କହିବି ବୋଲି ସେ କହିଥିଲେ। ପରେ ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ଉଠି କେଉଁଆଡେ ଚାଲିଯାଇଥିଲେ। ବାପା ଓ ମା' ସକାଳୁ ଉଠି ବହୁ ଖୋଜାଖୋଜି କରିବା ପରେ କୌଣସି ଖୋଜଖବର ପାଇ ନ ଥିଲେ। ମଙ୍ଗଳବାର ଗୋପାଳପୁର ଥାନାକୁ ଯାଇ ତାଙ୍କ ବାପା ଲିଖିତ ଅଭିଯୋଗ କରିଥିଲେ। ନଂ.୧୩୩/୧୯ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

# ବଟେଶ୍ୱର ପୀଠରେ ସଫେଇ କାର୍ଯ୍ୟକ୍ରମ



ସଫେଇ କରୁଛନ୍ତି ଯୁବକ ସଂଘ।

ଗଞ୍ଜାମ,୧୯।୧୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଖଟୁଆକୁଦା ଗ୍ରାମ ରାଜଗୋପାଳ ଯୁବକ ସଂଘ ପକ୍ଷରୁ ରବିବାର ଐତିହାସିକ ବଟେଶ୍ୱର ପୀଠ ସଫେଇ କରାଯାଇଛି। ସଂଘ ସଭାପତି ଶବର କୁମାର ତରାଇ ଓ ସମ୍ପାଦକ ଶିକ୍ଷକ ରଘୁନାଥ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଦୀପ କୁମାର ସାହୁ, ବିନୋଦ ତରାଇ, କିଶୋର ସାହୁ, ବଳିଆ ପ୍ରଧାନ, ସମୀର ସାହୁ, କାଳିଆ ପ୍ରଧାନ, ଅଜୁ ପ୍ରଧାନ, ସୁଦାମ ସାହୁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ପ୍ରମୁଖ ସଫେଇ ଅଭିଯାନରେ ସାମିଲ ଥିଲେ। ଗତ କାର୍ତ୍ତିକ ମାସରେ ଉକ୍ତ ପୀଠରେ ଅନୁଷ୍ଠିତ ହୋଇଥିବା ବାଲିଯାତ୍ରା ଏବଂ ପ୍ରତ୍ୟେକ ସୋମବାର ଉପଲକ୍ଷେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ମନ୍ଦିର ଚତୁଃପାର୍ଶ୍ୱ, ସମୁଦ୍ର ବେଳାଭୂମି ଆଦି ସଫେଇ କରାଯାଇଥିଲା।

# ବନ୍ୟଜନ୍ତୁ ସୁରକ୍ଷା ନେଇ ସଚେତନତା ବୈଠକ

ବୁଗୁଡ଼ା,୧୯।୧୧(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଅଧିକାରୀ

ବୁଗୁଡ଼ା ବନାଞ୍ଚଳରେ ବନ୍ୟଜନ୍ତୁ ସୁରକ୍ଷା ନେଇ ସୋମବାର ବିଦ୍ୟୁତ୍ ଓ ବନ ବିଭାଗର ସଚେତନତା ବୈଠକ ମାଣିତରା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ପ୍ରତିନିଧି ବବୁଲ ନାୟକ, ବୁଗୁଡ଼ା ବିଦ୍ୟୁତ୍ ସହ ନିର୍ବାହୀ ଯନ୍ତ୍ରୀ ମିତେଶ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ କାଳିଚରଣ ବେହେରା, ଲାଇନମ୍ୟାନ ଅରୁଣ କୁମାର ଶତପଥୀ, ମାଣିତରା ବନପାଳ ସରସ୍ୱତୀ ନାୟକ, ୱାର୍ଡସଭ୍ୟ ଓ ଅନ୍ୟାନ୍ୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ମାଣିତରା ଅଞ୍ଚଳରେ ୧୮ଟି ହାତୀ ଥିବାବେଳେ ସେମାନଙ୍କୁ ବିଦ୍ୟୁତ୍ ଆଘାତରୁ ରକ୍ଷା କରିବା ପାଇଁ ବିଦ୍ୟୁତ କାଟ ସମ୍ପର୍କିତ ଆଲୋଚନା ହୋଇଥିଲା। ବନ୍ୟଜନ୍ତୁ ଶିକାର ପାଇଁ ବେଆଇନ ହୁକିଂ ଓ ବିଦ୍ୟୁତ୍ ତାର ବିଛାଇବା ବିରୋଧରେ ସମସ୍ତେ ସଚେତନ ହେବାପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ଗ୍ରାମାଞ୍ଚଳରେ ବେନିୟମ ହୁକିଂକୁ ବନ୍ଦ କରିବାକୁ ମଧ୍ୟ ଅଧିକାରୀମାନେ ସଚେତନ କରିଥିଲେ। ବାଲିପଦର ବନପାଳ କ୍ଷୀରୋଦ ଗୌଡ଼ ଓ ବନରକ୍ଷୀ ରତନ ମଲିକଙ୍କ ସହ ବନ କର୍ମଚାରୀମାନେ ରବିବାର ରାତ୍ରରେ ମାଟିଗଡ଼ିଆ ପାହାଡ଼ ନିକଟରେ ବନ୍ୟଜନ୍ତୁ ଶିକାର ପାଇଁ ବ୍ୟବହାର କରାଯାଇଥିବା ୫ କେଜି ତାରକୁ ଜବତ କରିଥିଲେ।

